# ଏକକ ୧୦ ପ୍ରାରମ୍ଭିକ ଶିକ୍ଷାରେ ଆନ୍ତର୍ଜାତିକ ଦୃଶ୍ୟପଟ୍ଟ

## ସଂରଚନା


୧୦.୦ ଉପକ୍ରମ

୧୦.୧ ଶିକ୍ଷଣ ଉଦ୍ଦେଶ୍ୟ

୧୦.୨ ଜୋମ୍‌ଟିନ୍ ସମ୍ମିଳନୀ (୧୯୯୦) (Jomtien Conference)

  ୧୦.୨.୧ ଜୋମ୍‌ଟିନ୍ ସମ୍ମିଳନୀର ପ୍ରମୁଖ ଆହ୍ୱାନ ।

  ୧୦.୨.୨ ଆନ୍ତର୍ଜାତିକ ଏକତାକୁ ମଜଭୁତ କରିବା ।

  ୧୦.୨.୩ ଜୋମ୍‌ଟିନ୍ ସମ୍ମିଳନୀର ଇ-୯ ଦେଶଗୁଡ଼ିକର ପ୍ରଭାବ ।

  ୧୦.୨.୪ ଦକ୍ଷିଣ ଏସୀୟ କ୍ଷେତ୍ର ଉପରେ ପ୍ରଭାବ

୧୦.୩ ବିକାଶଶୀଳ ଦେଶଗୁଡ଼ିକର ପ୍ରାରମ୍ଭିକ ଶିକ୍ଷା ପାଇଁ ପଦକ୍ଷେପ

୧୦.୪ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣରେ ଆନ୍ତର୍ଜାତିକ ସଂସ୍ଥା / ଏଜେନ୍ସିର ଭୂମିକା

  ୧୦.୪.୧ ୟୁନିସ୍କୋ (UNESCO)

  ୧୦.୪.୨ ୟୁନିସେଫ୍ (UNICEF)

  ୧୦.୪.୩ ବିଶ୍ୱ ବ୍ୟାଙ୍କ (World Bank)

  ୧୦.୪.୪ ଡି.ଏଫ୍.ଆଇ.ଡି (DFID)

  ୧୦.୪.୫ ଏସ୍.ଆଇ.ଡି.ଏ (SIDA)

୧୦.୫ ବିଶ୍ୱ ଶିକ୍ଷା ମଞ୍ଚ, ଡକାର, ସେନେଗଲ୍ ୨୦୦୦ (Dakar, Senegal)

୧୦.୬ ସାରାଂଶ

୧୦.୭ ଶବ୍ଦାବଳୀ

୧୦.୮ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୧୦.୯ ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୧୦.୧ ଉପକ୍ରମ

ଆପଣ ୧ ଓ ୨ ଅଧ୍ୟାୟରେ ସ୍ୱାଧୀନତାର ପୂର୍ବ ଓ ପରବର୍ତ୍ତୀ ସମୟରେ ଭାରତରେ ହୋଇଥିବା ପ୍ରାରମ୍ଭିକ ଶିକ୍ଷାର ବିକାଶ ସମ୍ବନ୍ଧରେ ଅବଗତ ଅଛନ୍ତି । ଆପଣ ଜାଣନ୍ତି ଶିକ୍ଷାକୁ ବର୍ତ୍ତମାନ ଆମ ସମ୍ବିଧାନର ମୌଳିକ ଅଧିକାରରେ ଅନ୍ତର୍ଭୁକ୍ତ କରାଯାଇଛି । ଆମ ଦେଶରେ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ପାଇଁ ଆମର ଅନେକଗୁଡ଼ିଏ ସଂଗଠନ / ସଂସ୍ଥା ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଛି । ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ କରିବା ପାଇଁ ଆମ୍ଭର ସରକାରଙ୍କର ବିଭିନ୍ନ ସ୍ତରରେ, ବିଭିନ୍ନ ସାଧନ କାର୍ଯ୍ୟନୀତି ଓ ଯୋଜନାମାନ ରହିଛି । ଏହି ଅଧ୍ୟାୟରେ ଆମେ, ପ୍ରାରମ୍ଭିକ ଶିକ୍ଷାରେ ଆନ୍ତର୍ଜାତିକ ପରିକଳ୍ପନା, ଯେଉଁଥିରେ ଜୋମ୍‌ଟିନ୍ ସମ୍ମିଳନୀ, ବିଶ୍ୱ ଶିକ୍ଷା ମଞ୍ଚ, ଡକାର ସମ୍ମିଳନୀ ଇତ୍ୟାଦି ସମ୍ବନ୍ଧରେ ପଠନ କରିବା । ଏହି ବିଭାଗରେ ଆମେ ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକରେ ପ୍ରାରମ୍ଭିକ ଶିକ୍ଷା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ସମ୍ବନ୍ଧରେ ପର୍ଯ୍ୟାଲୋଚନା କରିବା । ଆମେ ଶିକ୍ଷାର ସାର୍ବଜନୀନକରଣରେ ଆନ୍ତର୍ଜାତିକ ବା ସଂସ୍ଥାଗୁଡ଼ିକର ଭୂମିକା ଏବଂ "ସମସ୍ତଙ୍କ ପାଇଁ ଶିକ୍ଷା" (EFA) ସମ୍ବନ୍ଧୀୟ ପ୍ରୟାସକୁ ମଧ୍ୟ ଆକଳନ କରିବା ।

ଏହି ଅଧ୍ୟାୟରେ ଆମେ ନିମ୍ନରେ ପ୍ରଦତ୍ତ ସଂରଚନାତ୍ମକ ମାନଚିତ୍ର ମାଧ୍ୟମରେ ଅବଗତ ହୋଇପାରିବ ।

## ୧୦.୧ ଶିକ୍ଷଣର ଉଦ୍ଦେଶ୍ୟ

- ଏହି ଅଧ୍ୟାୟର ଅଧ୍ୟୟନ ପରେ ତୁମେ :
- ଜୋମ୍‌ଟିନ୍ ସମ୍ମିଳନୀ (୧୯୯୦)ର ମୁଖ୍ୟ ପ୍ରଭାବକୁ ବର୍ଣ୍ଣନା କରିବ,
- ଇ-୯ ଦେଶ ତଥା ଦକ୍ଷିଣ ଏସିଆ ଅଞ୍ଚଳ ଉପରେ ଜୋମ୍‌ଟିନ୍ ସମ୍ମିଳନୀର ପ୍ରଭାବକୁ ଯାଞ୍ଚ କରିବ

- ବିକଶିତ ତଥା ବିକାଶଶୀଳ ଦେଶଗୁଡ଼ିକରେ ପ୍ରାରମ୍ଭିକ ଶିକ୍ଷାର ସ୍ଥିତି ତୁଳନା କରିବ ।
- ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣରେ ଆନ୍ତର୍ଜାତିକ ଏଜେନ୍ସି / ସଂସ୍ଥାର ଭୂମିକାକୁ ଯାଞ୍ଚ କରିବ ।
- ବିଶ୍ୱ ଶିକ୍ଷା ମଞ୍ଚ, ଡକାର, ସେନେଗାଲ (୨୦୦୦)ର ପରିଣାମକୁ ଅବଲୋକନ କରିବ ।
- "ସମସ୍ତଙ୍କ ପାଇଁ ଶିକ୍ଷା" କାର୍ଯ୍ୟକ୍ରମର ବର୍ଣ୍ଣନା କରିପାରିବ ।

## ୧୦.୨ ଜୋମୋତିୟାନ ସମ୍ମିଳନୀ (୧୯୯୦)

୫ ମାର୍ଚ୍ଚରୁ ୯ ମାର୍ଚ୍ଚ ୧୯୯୦ ମସିହାରେ ଥାଇଲାଣ୍ଡର ଜୋମ୍‌ଟିନ୍ ସହରରେ "ସମସ୍ତଙ୍କ ପାଇଁ ଶିକ୍ଷା" ବିଷୟ ଉପରେ ଏକ ବିଶ୍ୱସ୍ତରୀୟ ସମ୍ମିଳନୀ ହୋଇଥିଲା । ଏହା ଜୋମ୍‌ଟିନ୍ ସମ୍ମିଳନୀ ନାମରେ ନାମିତ ହୋଇଥିଲା । ଏହି ସମ୍ମିଳନୀରେ ସଂଯୁକ୍ତ ରାଷ୍ଟ୍ରର ସଦସ୍ୟ ଦେଶମାନଙ୍କ ମଧ୍ୟରୁ ୧୫୫ ଦେଶ ଅଂଶଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀ ସଦସ୍ୟମାନେ ବିଶ୍ୱ ଶିକ୍ଷା ସମ୍ମିଳନୀରେ ପୁନଃ ଘୋଷଣା କଲେ ଯେ ଶିକ୍ଷା ସମସ୍ତଙ୍କର ଅଧିକାର ଅଟେ । ସମସ୍ତଙ୍କ ପାଇଁ ଶିକ୍ଷା ଅଭିଯାନର ତାହା ଥିଲା ପ୍ରଥମ ମୂଳଦୁଆ । 'ସମସ୍ତଙ୍କ ପାଇଁ ଶିକ୍ଷା' "ସାର୍ବଜନୀନ ଶିକ୍ଷା" ଏହି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ସଦସ୍ୟ ସହଯୋଗୀ ଭାବେ କାର୍ଯ୍ୟ କରିବେ ବୋଲି ସଂକଳ୍ପବଦ୍ଧ ହେଲେ । ସମସ୍ତ ଦେଶର ସଦସ୍ୟମାନେ "ଶିକ୍ଷା ଉପରେ ବିଶ୍ୱ ଘୋଷଣାପତ୍ରକୁ ସ୍ୱୀକାର କଲେ : ସର୍ବନିମ୍ନ ଶିକ୍ଷା ଆବଶ୍ୟକତାକୁ ପୂରଣ କରିବା ତଥା ଘୋଷଣାପତ୍ରରେ ନିର୍ଦ୍ଧାରିତ ଲକ୍ଷ୍ୟ ପ୍ରାପ୍ତି ପାଇଁ "ଫ୍ରେମ ୱାର୍କ ଫର ଆକ୍ସନ" ପ୍ରସ୍ତୁତ କଲେ - "ସମସ୍ତଙ୍କ ପାଇଁ ଶିକ୍ଷା" ନାମକ ବିଶ୍ୱ ସମ୍ମିଳନୀରେ ଭାଗ ନେଇଥିବା ସଦସ୍ୟମାନେ :-

ପୁନଃସ୍ମରଣ କଲେ ଯେ, ଶିକ୍ଷା ସମସ୍ତ ବିଶ୍ୱରେ ଯେକୌଣସି ବୟସର ବ୍ୟକ୍ତିଙ୍କ ପାଇଁ ଶିକ୍ଷା ଏକ ମୌଳିକ ଅଧିକାର ଅଟେ ।

ଟିପ୍ପଣୀ

- ବୁଝିବାକୁ ହେବ ଯେ ଶିକ୍ଷା ଏକ ସୁରକ୍ଷିତ, ସ୍ୱାସ୍ଥ୍ୟକର, ସମୃଦ୍ଧ ଏବଂ ଅନୁକୂଳ ବିଶ୍ୱ ପରିବେଶକୁ ସୁନିଶ୍ଚିତ କରିବାରେ ସହାୟକ ହେବ ।
- ଜଣାଯାଏ ଯେ ଶିକ୍ଷା, ବ୍ୟକ୍ତିଗତ ତଥା ସାମାଜିକ ଉନ୍ନତି ପାଇଁ ଅପରିହାର୍ଯ୍ୟ ଅବସ୍ଥା, ଯଦିଓ ତାହା ପର୍ଯ୍ୟାପ୍ତ ନୁହେଁ ।
- ଶିକ୍ଷା ପରମ୍ପରାଗତ ଜ୍ଞାନ ତଥା ସ୍ୱଦେଶ, ସାଂସ୍କୃତିକ ପରମ୍ପରାଗୁଡ଼ିକର ବିକାଶର ଏକ ମୂଲ୍ୟ ଓ ବିଦ୍ଧିବଦ୍ଧତା ବୋଲି ସ୍ୱୀକାର କରାଯାଏ ।
- ଏହା ସ୍ୱୀକାର ଯୋଗ୍ୟ ଯେ, ମୋଟାମୋଟି ଭାବରେ ଶିକ୍ଷାର ବର୍ତ୍ତମାନ ସୁଯୋଗ ଅଧିକ ପ୍ରାସଙ୍ଗିକ ଏବଂ ଗୁଣାତ୍ମକ ଭାବେ ଉନ୍ନତ ଏବଂ ସାର୍ବଜନୀନ ପ୍ରାପ୍ତ ହେବା ଉଚିତ୍ ।
- ଏହା ଜଣାଯାଏ କି, ସର୍ବନିମ୍ନ ଶିକ୍ଷା, ଉଚ୍ଚସ୍ତର ତଥା ବୈଜ୍ଞାନିକ ପ୍ରାଦ୍ୟୋଗିକ ସ୍ୱାକ୍ଷରତା ଏବଂ ଦକ୍ଷତାକୁ ସୁଦୃଢ଼ କରାଏ ଏବଂ ଆତ୍ମ ନିର୍ଭରଶୀଳତାର ବିକାଶ ମଧ୍ୟ ଏହାର ମୂଳମନ୍ତ୍ର ।

## ୧୦.୨.୧ ଜୋମ୍‌ଟିନ୍ ସମ୍ମିଳନୀର ପ୍ରମୁଖ ଆହ୍ୱାନ

"ଶିକ୍ଷା ଉପରେ ବିଶ୍ୱ ଘୋଷଣା" ନାମକ ସମ୍ମିଳନୀରେ "ସମସ୍ତଙ୍କ ପାଇଁ ଶିକ୍ଷା"ର ଉଦ୍ଦେଶ୍ୟ, ପ୍ରସାରିତ ଦୃଷ୍ଟିରେଖା, ପ୍ରତିଶ୍ରୁତିବଦ୍ଧ ଏବଂ ଉଦ୍ଦେଶ୍ୟ ଅନୁସାରେ ୯ମ ଅନୁଚ୍ଛେଦରେ ଲିପିବଦ୍ଧ କରାଯାଇଛି । ଏହି ସମ୍ମିଳନୀର ଏହା ଥିଲା ପ୍ରମୁଖ ଆହ୍ୱାନ । ଯାହାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଯାଇଛି ।

୧. ମୂଳ ଶିକ୍ଷଣ ଆବଶ୍ୟକତାକୁ ପୂରଣ କରିବା :

(କ) ପ୍ରତ୍ୟେକ ବ୍ୟକ୍ତି, ସେ ବାଳୁତ ହେଉ ବା ଯୁବକ ହେଉ ଅଥବା ପ୍ରୌଢ଼ ହେଉ ସେ ଶିକ୍ଷାର ସୁଯୋଗ ଓ ସୁବିଧା ପାଇପାରିବେ ଏବଂ ଅଧ୍ୟୟନରୁ ମୂଳଶିକ୍ଷଣ ଆବଶ୍ୟକତାକୁ ପରିପୂରଣ କରିପାରିବେ । ମୂଳ ଶିକ୍ଷଣ ଆବଶ୍ୟକତାର ସୁଯୋଗ ଏବଂ ଏହାକୁ କିପରି ସମ୍ମୁଖୀନ କରିବେ ତାହା ବିଭିନ୍ନ ଦେଶର ବିଭିନ୍ନ ସଂସ୍କୃତି ଓ ସମୟାନୁକ୍ରମେ ଭିନ୍ନ ଭିନ୍ନ ହେବ ।

(ଖ) ଏହି ଆବଶ୍ୟକତା ପୂରଣରେ କୌଣସି ସମାଜରେ ବାସ କରୁଥିବା ବ୍ୟକ୍ତି ନିଜର ସାମୂହିକ, ସାଂସ୍କୃତିକ, ଭାଷାଗତ ତଥା ଆଧ୍ୟାତ୍ମିକ ପରମ୍ପରାକୁ ସମୃଦ୍ଧ କରିବାପାଇଁ ସମର୍ଥ ହେବେ ଏବଂ ଅନ୍ୟ ବ୍ୟକ୍ତିକୁ ଶିକ୍ଷା ପାଇଁ ପ୍ରୋତ୍ସାହିତ କରିବେ ।

(ଗ) ସାମୂହିକ, ସାଂସ୍କୃତିକ ତଥା ନୈତିକ ମୂଲ୍ୟବୋଧର ସଞ୍ଚାଳନ ତଥା ସମୃଦ୍ଧିକରଣ ଶୈକ୍ଷିକ ବିକାଶର ମୂଳ ଉଦ୍ଦେଶ୍ୟ । ଏହି ମୂଲ୍ୟବୋଧ ବ୍ୟକ୍ତିକୁ ନିଜର ପରିଚୟ ତଥା ଯୋଗ୍ୟତାକୁ ଅନ୍ୱେଷଣ କରିବାରେ ସହାୟକ ହେବ ।

(ଘ) ସର୍ବନିମ୍ନଶିକ୍ଷା, ଆଜୀବନ ଶିକ୍ଷଣ ଏବଂ ମାନବବିକାଶର ମୂଳଦୁଆ ଅଟେ ।

**୨. ଦୃଷ୍ଟିରେଖାକୁ ରୂପଦେବା**

(କ) ଏପରି ଏକ ପ୍ରସାରିତ ଦୃଷ୍ଟିରେଖାର ଆବଶ୍ୟକତା ଅଛି ଯାହା, ବର୍ତ୍ତମାନର ସାଧନସ୍ତର, ଆନୁଷ୍ଠାନିକ ଗଠନ, ପାଠ୍ୟକ୍ରମ ଓ ପ୍ରଥାସମ୍ମତ ଶିକ୍ଷଣ ପ୍ରକ୍ରିୟା ବିଧିଗୁଡ଼ିକ ଉପରେ ପ୍ରଚଳିତ ପଦ୍ଧତିଗୁଡ଼ିକର ସର୍ବୋତ୍ତମ ପ୍ରୟୋଗ କରିବା ।

(ଖ) ପ୍ରସାରିତ ଦୃଷ୍ଟିରେଖାରେ ନିମ୍ନଲିଖିତ ଅର୍ନ୍ତଭୁକ୍ତ ହେବା ଆବଶ୍ୟକ ।

- ସାର୍ବଜନୀନ ଶିକ୍ଷଣର ଯଥାର୍ଥ ନିରପେକ୍ଷତାକୁ ପ୍ରୋତ୍ସାହିତ କରିବା ।
- ଶିକ୍ଷଣକୁ କେନ୍ଦ୍ରିତ କରିବା ।
- ମୌଳିକ ଶିକ୍ଷାର ମାଧ୍ୟମ ଏବଂ କାର୍ଯ୍ୟକ୍ଷେତ୍ରକୁ ବ୍ୟାପକ କରିବା ।
- ଭାଗୀଦାରୀକୁ ମଜଭୁତ କରିବା

(ଗ) ବ୍ୟକ୍ତିର ପ୍ରଗତି ତଥା ସଶକ୍ତିକରଣ ପାଇଁ ଅନ୍ତର୍ନିହିତ କ୍ଷମତାକୁ ହୃଦୟଙ୍ଗମ କରିବା ହେଉଛି ସମର୍ଥ । ଏହା ପରିସ୍ଥିତି ଉପରେ ନିର୍ଭର କରେ, ଯେପରିକି ଶିକ୍ଷା ଆହରଣ ପାଇଁ ବ୍ୟକ୍ତିକୁ ସମର୍ଥ କରାଇଥାଏ ।

ଟିପ୍ପଣୀ

**୩. ସାର୍ବଜନୀନ ଶିକ୍ଷଣର ନିରପେକ୍ଷତାକୁ ପ୍ରୋତ୍ସାହିତ କରିବା**

(କ) ଗୁଣାତ୍ମକତା ମୌଳିକ ଶିକ୍ଷାକୁ ବିସ୍ତାରିତ କରିବା ତଥା ବୈଷମ୍ୟତାର ହ୍ରାସ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଉଚିତ୍ ।

(ଖ) ମୌଳିକ ଶିକ୍ଷା ନିରପେକ୍ଷ ହେବା ଉଚିତ୍ । ସମସ୍ତଙ୍କ ପାଇଁ ଶିକ୍ଷଣର ସ୍ତର ପ୍ରସ୍ତୁତ କରିବା ଏବଂ ସମସ୍ତଙ୍କୁ ଶିକ୍ଷଣ ପାଇଁ ଉପଯୁକ୍ତ ସୁଯୋଗ ମିଳିବା ଆବଶ୍ୟକ ।

(ଗ) ବାଳିକା ଓ ମହିଳା ମାନଙ୍କ ପାଇଁ ଶିକ୍ଷାକୁ ମହତ୍ତ୍ୱପୂର୍ଣ୍ଣ ତଥା ଅତ୍ୟାବଶ୍ୟକ ଭାବେ ପ୍ରାଥମିକତା ଦେବା ଏବଂ ଶିକ୍ଷାକୁ ସୁନିଶ୍ଚିତ କରିବା ଏବଂ ଶିକ୍ଷଣର ଗୁଣାତ୍ମକମାନର ବିକାଶ କରିବା ଏବଂ ସମସ୍ତ ପ୍ରତିବନ୍ଧକ / ବାଧକଗୁଡ଼ିକୁ ଅପସାରଣ କରି ସେମାନଙ୍କୁ ସକ୍ରିୟ ଭାବେ ଅଂଶଗ୍ରହଣ କରାଇବା ଆବଶ୍ୟକ ।

(ଘ) ଶିକ୍ଷାରେ ବୈଷମ୍ୟତାକୁ ଅପସାରଣ କରିବାକୁ ସକ୍ରିୟ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ । କୌଣସି ସୁଯୋଗବିହୀନ ସମୂହ ପ୍ରତି ଭେଦଭାବ ନ ରଖି ଶିକ୍ଷଣ ପାଇଁ ସୁଯୋଗଦେବା ଉଚିତ୍ ।

(ଙ) ଅକ୍ଷମ / ଅଯୋଗ୍ୟ ପିଲାଙ୍କ ଶିକ୍ଷଣ ପାଇଁ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ସେଥିପାଇଁ ପ୍ରତ୍ୟେକ ବର୍ଗର ଅକ୍ଷମ ପିଲାଙ୍କ ପାଇଁ ସମାନ ଶିକ୍ଷଣ ସୁଯୋଗ ଦେବାକୁ ଉଚିତ୍ ପଦକ୍ଷେପ ନେବା ଆବଶ୍ୟକ ।

**୪. ଶିକ୍ଷଣ ଉପରେ କେନ୍ଦ୍ରିତ କରିବା**

କୌଣସି ବ୍ୟକ୍ତି ବା ସମାଜ ପାଇଁ ସଂପ୍ରସାରିତ ଶିକ୍ଷା ଅବସରର ଉପଯୁକ୍ତ ବିକାଶରେ ରୂପାନ୍ତରିତ ହେଉଛି କି ନାହିଁ ତାହା ବାସ୍ତବ ଶିକ୍ଷା ସୁଯୋଗ ଉପରେ ନିର୍ଭର କରେ । ତେଣୁ ପ୍ରକୃତ ଶିକ୍ଷାର ଅର୍ନ୍ତଗ୍ରହଣ ଏବଂ ଫଳାଫଳର ମୁଖ୍ୟ କେନ୍ଦ୍ରବିନ୍ଦୁ ମୌଳିକ ଶିକ୍ଷା ହେବା ଉଚିତ୍ ।

ଟିପ୍ପଣୀ

**୫. ମୌଳିକ ଶିକ୍ଷାର ମାଧ୍ୟମ ଓ ପରିସରକୁ ବ୍ୟାପକ କରିବା :**

ମୌଳିକ ଶିକ୍ଷଣର ଆବଶ୍ୟକତାଗୁଡ଼ିକର ବିଭିନ୍ନତା, ଜଟୀଳତା, ପରିବର୍ତ୍ତନୀୟ ପ୍ରକୃତିର ବ୍ୟାପକତାକୁ ଆବଶ୍ୟକ କରେ ଏବଂ ଏହାକୁ ପୁନଃପରିଭାଷିତ କରିବା ପାଇଁ ନିମ୍ନଲିଖିତ ଉପାଦାନଗୁଡ଼ିକ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ରହିଛି । ନିମ୍ନଲିଖିତ ଉପାଦାନ ଗୁଡ଼ିକ :

- ଶିକ୍ଷଣ ଜନ୍ମସମୟରୁ ଆରମ୍ଭ ହୁଏ ।
- ପରିବାର ପରେ ମୌଳିକ ଶିକ୍ଷା ପ୍ରଦାନର ମୁଖ୍ୟ ଅନୁଷ୍ଠାନ ପ୍ରାରମ୍ଭିକ ବିଦ୍ୟାଳୟ ଅଟେ ।
- ଯୁବକ ତଥା ପ୍ରୌଢ଼ମାନଙ୍କର ମୌଳିକ ଶିକ୍ଷଣ ଆବଶ୍ୟକତା ଭିନ୍ନ ଭିନ୍ନ ଅଟେ ଏବଂ ଏହାକୁ ପୂରଣ କରିବା ପାଇଁ ବିଭିନ୍ନ ଶିକ୍ଷାଦାନ ପ୍ରଣାଳୀର ଆବଶ୍ୟକତା ରହିଛି ।
- ସାମାଜିକ ଘଟଣା ଉପରେ ଲୋକଙ୍କର ଆବଶ୍ୟକ ଜ୍ଞାନ ଓ ସୂଚନା ଦୁଇଟି ଅଥବା ଶିକ୍ଷିତ କରିବା ପାଇଁ ଉପଲବ୍ଧ ଉପକରଣଗୁଡ଼ିକ ତଥା ସୂଚନା ପ୍ରଣାଳୀ, ଯୋଗାଯୋଗ ଅଥବା ସାମାଜିକ କାର୍ଯ୍ୟପ୍ରକ୍ରିୟାର ପ୍ରୟୋଗ କରାଯାଇପାରେ ।

**୬. ଶିକ୍ଷଣ ପାଇଁ ପରିବେଶର ସମୃଦ୍ଧିକରଣ :**

ଶିକ୍ଷା ଗ୍ରହଣ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ପୂର୍ଣ୍ଣ ପୁଷ୍ଟି/ପୋଷଣ, ସ୍ୱାସ୍ଥ୍ୟର ଯତ୍ନ, ସାଧାରଣ ଶାରିରୀକ ଓ ଆବେଗିକ ସହାୟତା ଯାହା ଆବଶ୍ୟକ ସେଗୁଡ଼ିକୁ ଯୋଗାଇବା ଉଚିତ୍ । ଯାହାଫଳରେ ସେମାନେ ନିଜର ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ / ଭାଗୀଦାରି କରିପାରିବେ ଏବଂ ଏଥିରୁ ଲାଭବାନ ହୋଇପାରିବେ । ଏହି ଜ୍ଞାନ ତଥା କୌଶଳ ଯାହା ପିଲାମାନଙ୍କର ଶିକ୍ଷଣ ପରିବେଶର ଅଭିବୃଦ୍ଧି ହେବ । ଏହାକୁ ପ୍ରୌଢ଼ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ଗୋଷ୍ଠୀ ଶିକ୍ଷଣ କାର୍ଯ୍ୟକ୍ରମରେ ଏକଜୁଟ କରିବା ଆବଶ୍ୟକ । ପିଲାମାନେ ଏବଂ ତାଙ୍କର ଅଭିଭାବକମାନଙ୍କ ଅଥବା ରକ୍ଷଣବେକ୍ଷଣକାରୀଙ୍କର ଶିକ୍ଷା ପାରସ୍ପରିକ ରୂପରେ ସହାୟକ

ଟିପ୍ପଣୀ

ହୋଇଥାଏ । ଏହି ପାରସ୍ପରିକ କ୍ରିୟାକୁ ପ୍ରୟୋଗ କରି ଏକ ଉତ୍ସାହପୂର୍ଣ୍ଣ ଏବଂ ସକ୍ରିୟ ଶିକ୍ଷଣ ବାତାବରଣ / ପରିବେଶ ପ୍ରସ୍ତୁତ କରିବା ଆବଶ୍ୟକ ।

**୭. ଭାଗୀଦାରୀକୁ ମଜଭୁତ / ଶକ୍ତିଶାଳୀ କରିବା :**

'ସମସ୍ତଙ୍କ ପାଇଁ ଶିକ୍ଷା'ରେ ଜାତୀୟ, ଆଞ୍ଚଳିକ ଏବଂ ସ୍ଥାନୀୟ ଶିକ୍ଷା ଅଧିକାରୀଙ୍କର ପ୍ରତ୍ୟେକକୁ ମୌଳିକ ଶିକ୍ଷା ପ୍ରଦାନ କରିବା ହେଉଛି ଏକ ପ୍ରମୁଖ ଦାୟିତ୍ୱ । ତେଣୁ ପ୍ରତ୍ୟେକ ସ୍ତରରେ ନୂତନ ଏବଂ ସକ୍ରିୟ ଭାଗିଦାରୀର ଆବଶ୍ୟକତା ରହିଛି । ଏହି ସନ୍ଦର୍ଭରେ ଅଧ୍ୟାପକ / ଶିକ୍ଷକ ତଥା ପରିବାରର ମୁଖ୍ୟଭୂମିକା ନିର୍ଣ୍ଣୟ କରିବାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଶିକ୍ଷକ / ଅଧ୍ୟାପକମାନଙ୍କର ସ୍ଥିତି ତଥା ସର୍ତ୍ତାବଳୀ ଯାହା "ସମସ୍ତଙ୍କ ପାଇଁ ଶିକ୍ଷା" କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ଦେଶଗୁଡ଼ିକରେ ମହତ୍ତ୍ୱପୂର୍ଣ୍ଣ ଆବଶ୍ୟକତା ଅଛି, ଏଥିରେ ଖୁବ୍ ବିକାଶ ହେବା ଆବଶ୍ୟକ ।

**୮. ଏକ ସହାୟକ ନୀତି ସନ୍ଦର୍ଭର ବିକାଶ କରିବା :**

(କ) ବ୍ୟକ୍ତିଗତ ତଥା ସାମାଜିକ ବିକାଶ ପାଇଁ ମୌଳିକ / ବୈଷିକ ଶିକ୍ଷାର ପୂର୍ଣ୍ଣ ବ୍ୟବସ୍ଥା କରିବା ଏବଂ ଏହାକୁ ଉପଯୋଗ କରିବା । ଏହି ଦୃଷ୍ଟିକୋଣରୁ ସାମାଜିକ, ସାଂସ୍କୃତିକ ତଥା ଆର୍ଥିକ କ୍ଷେତ୍ରରେ ସହାୟକ ନିତୀର ଆବଶ୍ୟକତା ରହିଛି । ଏଣୁ ଉପଯୁକ୍ତ ଆର୍ଥିକ, ବ୍ୟବସାୟିକ, ଶ୍ରମ, ନିଯୁକ୍ତି ତଥା ସ୍ୱାସ୍ଥ୍ୟ ନିତୀଗୁଡ଼ିକ ଶିକ୍ଷାକରୁଥିବା ବ୍ୟକ୍ତିର ବିକାଶକୁ ପ୍ରୋତ୍ସାହିତ କରିବା ସହିତ ସାମାଜିକ ବିକାଶରେ ଯୋଗଦାନକୁ ମଧ୍ୟ ବୃଦ୍ଧି କରିବ ।

(ଖ) ମୌଳିକ ଶିକ୍ଷା ପାଇଁ ବିଭିନ୍ନ ସମାଜ ଏକ ମଜଭୁତ ବୌଦ୍ଧିକ ତଥା ବୈଜ୍ଞାନିକ ପରିବେଶ ସୁନିଶ୍ଚିତ କରିପାରିବ ।

**୯. ସମ୍ବଳର ବିତରଣ କରିବା :**

(କ) ସମସ୍ତ ମୌଳିକ ଶିକ୍ଷାର ଆବଶ୍ୟକତାର ପରିପୂରଣ ପାଇଁ ଉଦ୍ଦିଷ୍ଟ ପ୍ରଚଳିତ ଏବଂ ନୂତନ ଆର୍ଥିକ ଏବଂ ମାନବୀୟ ସମ୍ବଳ – ବେସରକାରୀ, ସରକାରୀ ତଥା ସ୍ୱେଚ୍ଛାକୃତକୁ

ବିତରଣ କରିବା ଆବଶ୍ୟକ ।

(ଖ) ସରକାରୀ ସହାୟତା ବୃଦ୍ଧି କରିବା, ଏହାର ଅର୍ଥ ମାନବ ବିକାଶ ପାଇଁ ସମସ୍ତ ସରକାରୀ ସଂଗଠନ ସମ୍ବଳର ବିନିଯୋଗ କରିବା ପାଇଁ ଦାୟୀ ରହିବେ ।

**୧୦.୨.୨ ଆନ୍ତର୍ଜାତିକ ଏକତାକୁ ସଶକ୍ତ କରିବା :**

(କ) ମୌଳିକ ଶିକ୍ଷାର ଆବଶ୍ୟକତାକୁ ପୂରଣ କରିବା ଏକ ସାମୂହିକ ତଥା ସାର୍ବଭୌମିକ ମାନବୀୟ ଉତ୍ତର ଦାୟିତ୍ୱ ଅଟେ । ବର୍ତ୍ତମାନ ଆର୍ଥିକ ବୈଷମ୍ୟତାକୁ ଦୂର କରିବା ପାଇଁ ଆନ୍ତର୍ଜାତିକ ସ୍ତରରେ ସଦ୍‌ଭାବନା / ଭାଇଚାରା ତଥା ନିରପେକ୍ଷ ଆର୍ଥିକ ସମ୍ବନ୍ଧ ସ୍ଥାପନ କରିବା ଅନିବାର୍ଯ୍ୟ ଅଟେ । ପ୍ରଭାବଶାଳୀ ଶିକ୍ଷାନୀତି ଏବଂ କାର୍ଯ୍ୟକ୍ରମ ଗୁଡ଼ିକ ପ୍ରସ୍ତୁତ କରିବାପାଇଁ ରାଷ୍ଟ୍ରଗୁଡ଼ିକ ନିକଟରେ ସମସ୍ତ ଅନୁଭୂତି ଓ ଜ୍ଞାନ ରହିଛି ।

(ଖ) ମୌଳିକ ଶିକ୍ଷା ପାଇଁ ବାସ୍ତବ ଏବଂ ଦୀର୍ଘମିଆଦୀ ସମ୍ବଳ ବୃଦ୍ଧିର ଆବଶ୍ୟକତା ରହିଛି ।

(ଗ) ପ୍ରୌଢ଼ ଏବଂ ଶିଶୁମାନଙ୍କର ଶିକ୍ଷଣର ଆବଶ୍ୟକତା ଯେବେ ବି ଉତ୍ପନ୍ନ ହେବ ତାହାକୁ ପୂରଣ କରାଯିବ ।

(ଘ) ଏଣୁ ଦ୍ୱନ୍ଦ୍ୱ, କଳହକୁ ସମାଧାନ କରିବା ପାଇଁ ସାମରିକ ଭୋଗଦଖଲକୁ ସମାପ୍ତ କରି, ବିସ୍ଥାପିତ ଜନସମୂହକୁ ସ୍ଥାପିତ କରିବା ପାଇଁ ସମସ୍ତ ରାଷ୍ଟ୍ର ମିଳିତଭାବେ କାର୍ଯ୍ୟ କରିବା ବିଧେୟ ଅଟେ । ଏକ ସ୍ଥିର, ଶାନ୍ତ ବାତାବରଣ ମାଧ୍ୟମରେ ଏହି ସ୍ଥିତିର ସୃଷ୍ଟି କରାଯାଇପାରିବ ଯେଉଁଥିରେ ବିଶ୍ୱଘୋଷଣାର ଲକ୍ଷ୍ୟ ପ୍ରତ୍ୟେକ ମନୁଷ୍ୟ ହାସଲ କରିପାରିବ ଓ ଲାଭାନ୍ୱିତ ହୋଇପାରିବ ।

ଟିପ୍ପଣୀ

ଜୋମ୍‌ଟିନ୍ ସମ୍ମିଳନୀରେ ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ କାର୍ଯ୍ୟବିଧିର ଢାଞ୍ଚା ପ୍ରସ୍ତୁତ କରାଯାଇଛି । ସେଗୁଡ଼ିକ ନିମ୍ନରେ ଦିଆଯାଇଛି :

(କ) ଆଦ୍ୟବାଲ୍ୟାବସ୍ଥାରେ ଯତ୍ନ ତଥା ବିକାଶଜନିତ କ୍ରିୟାକଳାପ

(ଖ) ସାର୍ବଜନୀନ ପ୍ରାଥମିକ ଶିକ୍ଷାର ଲକ୍ଷ୍ୟ ପୂରଣ

(ଗ) ଶିକ୍ଷଣ କୃତିରେ ଉନ୍ନତି / ଅଭିବୃଦ୍ଧି

(ଘ) ପ୍ରୌଢ଼ ନିରକ୍ଷରତାର ହ୍ରାସ

(ଙ) ଯୁବକ ଓ ପ୍ରୌଢ଼ମାନଙ୍କର ମୌଳିକ ଶିକ୍ଷା ତଥା ଦକ୍ଷତା ପ୍ରଶିକ୍ଷଣର ସଂପ୍ରସାରଣ ଏବଂ

(ଚ) ବ୍ୟକ୍ତି ତଥା ପରିବାର ଦ୍ୱାରା ଏକ ଉତ୍ତମ ଜୀବନଯାପନ ନିମିତ୍ତ ଜ୍ଞାନ ଦକ୍ଷତା କୌଶଳ ଏବଂ ମୂଲ୍ୟର ପ୍ରାପ୍ତିରେ ବୃଦ୍ଧି

'ସମସ୍ତଙ୍କ / ସଭିଙ୍କ ପାଇଁ ଶିକ୍ଷା' ଘୋଷଣା ପତ୍ରରେ କାର୍ଯ୍ୟବିଧି ଯୋଜନା ପାଇଁ କିଛି ନିୟମାବଳୀ ପ୍ରସ୍ତୁତ କରାଯାଇଛି । ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା :

- **ପାଞ୍ଚଟି ମୌଳିକ ନିୟମ**

(କ) ସମାନଭାଗିତା (Equity) : ସାର୍ବଜନୀନ ତଥା ସମାନଭାଗିତାର ଉନ୍ନତିକରଣ ।

(ଖ) ଶିକ୍ଷଣ ଉପରେ ଗୁରୁତ୍ୱ

(ଗ) ମୌଳିକ ଶିକ୍ଷାର ଅର୍ଥ ତଥା ପରିସରର ସଂପ୍ରସାରଣ

(ଘ) ଶିକ୍ଷା ପରିବେଶରେ ଉନ୍ନତି

(ଙ) ଭାଗୀଦାରୀକୁ ସଶକ୍ତ କରିବା

କାର୍ଯ୍ୟଯୋଜନା ଏବଂ ମୌଳିକ ସିଦ୍ଧାନ୍ତ ଅନୁସାରେ "ସମସ୍ତଙ୍କ ପାଇଁ ଶିକ୍ଷା"ର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହାସଲ କରିବା ପାଇଁ କିଛି ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ଥିର କରାଯାଇଛି । ତାହା ନିମ୍ନରେ ଦିଆଗଲା :

(କ) ୨୦୦୦ ବର୍ଷ ପର୍ଯ୍ୟନ୍ତ ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା, ୮୦ ପ୍ରତିଶତ ପୂରଣ କରିବା ।

(ଖ) ୨୦୦୦ ବର୍ଷ ମଧ୍ୟରେ ୧୯୯୦ ଦଶକର ତୁଳନାରେ ପ୍ରୌଢ଼ ନିରକ୍ଷରତାକୁ ଅର୍ଦ୍ଧେକ କରିବା ସହିତ ନାରୀ ସ୍ୱାକ୍ଷରତା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବା ।

(ଗ) ଶିକ୍ଷଣ କୃତୀରେ ଅଭିବୃଦ୍ଧି : କୌଣସି ବିଶେଷ ଆୟୁବର୍ଗର ପୂର୍ବ ନିର୍ଦ୍ଧାରିତ ଅଥବା ଆବଶ୍ୟକ ଶିକ୍ଷଣ ଉପଲବ୍ଧି ସୀମାରେଖାକୁ ପାରକରିଯାଉ ବା ଅତିକମ୍‌ରେ ୮୦ ପ୍ରତିଶତ ସ୍ତର ପର୍ଯ୍ୟନ୍ତ ପହଞ୍ଚିଯାଉ ।

(ଘ) ଆଦ୍ୟବାଲ୍ୟାବସ୍ଥାରେ ଯତ୍ନ ବା ବିକାଶ କ୍ରିୟାକଳାପର ସଂପ୍ରସାରଣରେ ପରିବାର ତଥା ଗୋଷ୍ଠୀ ହସ୍ତକ୍ଷେପକୁ ଅର୍ନ୍ତଭୁକ୍ତ କରାଯାଇ ସେଥିରେ ବିଶେଷତଃ ଗରୀବ, ଭିନ୍ନକ୍ଷମ ଏବଂ ସାମାଜିକ ସୁଯୋଗରୁ ବଞ୍ଚିତ ପିଲାମାନଙ୍କୁ ଅର୍ନ୍ତଭୁକ୍ତ କରାଯାଉ ।

## ଜୋମ୍‌ଟିନ୍ ସମ୍ମିଳନୀର ପ୍ରଭାବ

ଜୋମ୍‌ଟିନ୍ ସମ୍ମିଳନୀ ଜାତୀୟ ସରକାରଙ୍କର ନୀତି, ଯୋଜନା ତଥା କାର୍ଯ୍ୟକ୍ରମ ଗୁଡ଼ିକୁ ବିଶେଷ ଭାବରେ ପ୍ରଭାବିତ କରିଛି । ସେଗୁଡ଼ିକ ହେଲା :

(କ) ମୌଳିକ ଶିକ୍ଷା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରି ସେଥିରେ ପ୍ରୌଢ଼ ସ୍ୱାକ୍ଷରତା, ନବଯୁବକମାନଙ୍କ ପାଇଁ ଜୀବନକୌଶଳ ସମ୍ବନ୍ଧୀୟ ପ୍ରଶିକ୍ଷଣ ଏବଂ ପ୍ରାକ୍-ବିଦ୍ୟାଳୟ ଶିଶୁଙ୍କ ଯତ୍ନ ଓ ବିକାଶ ଅର୍ନ୍ତଭୁକ୍ତ ।

(ଖ) ବିକାଶ ଯୋଜନା ଗୁଡ଼ିକରେ "ସମସ୍ତଙ୍କ ପାଇଁ ଶିକ୍ଷା"କୁ ପ୍ରାଥମିକତା ଦେବା ।

(ଗ) ପ୍ରଚଳିତ ଯୋଜନାଗୁଡ଼ିକରେ ବିଶେଷ ଶିକ୍ଷା ନୀତିଗୁଡ଼ିକ ପ୍ରସ୍ତୁତ କରାଯାଇ ସେଥିରେ "ସମସ୍ତଙ୍କ ପାଇଁ ଶିକ୍ଷା" ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି ଏବଂ ସଭିଙ୍କ ପାଇଁ ଶିକ୍ଷାର ଉପାଦାନଗୁଡ଼ିକୁ ସମ୍ମିଳିତ କରାଯାଇଛି ।

ଟିପ୍ପଣୀ

(ଘ) ପ୍ରାରମ୍ଭରୁ ଚାଲି ଆସୁଥିବା ବିଦ୍ୟାଳୟ ଅଭିବୃଦ୍ଧି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାପାଇଁ ଗୁଣାତ୍ମକ ପରିବର୍ତ୍ତନ, ସଂପ୍ରସାରଣ, ଶିକ୍ଷଣ ପ୍ରଶିକ୍ଷଣ ପାଠ୍ୟସୂଚୀରେ ସଂସ୍କାର, ଲିଙ୍ଗଗତ ସମାନତା ଏବଂ ସୁବିଧାରୁ ବଞ୍ଚିତ ଗରିବମାନଙ୍କୁ ବିଶେଷ ପ୍ରାଥମିକତା ଅନ୍ତର୍ଭୁକ୍ତ ।

(ଙ) ଶିକ୍ଷା ବିକାଶ ପାଇଁ ନୂତନ ପ୍ରକଳ୍ପଗୁଡ଼ିକ ପ୍ରଚଳନ କରିବା ।

**ଜାତୀୟ ସରକାରଙ୍କ ଉପରେ ପ୍ରଭାବ :**

(କ) ଶିକ୍ଷା ପ୍ରଣାଳୀର ଯୋଜନା ତଥା ପରିଚାଳନାରେ ସଂସ୍କାର ଆଣି ଦକ୍ଷତାର ଅଭିବୃଦ୍ଧି ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା

(ଖ) ଶିକ୍ଷା ପ୍ରଣାଳୀର ଯୋଜନା ଓ ପରିଚାଳନାର ବିକେନ୍ଦ୍ରୀକରଣ

(ଗ) ସମସ୍ତ ଶିକ୍ଷାଗତ କ୍ରିୟାକଳାପରେ ସାମୂହିକ ଭାଗୀଦାରୀରେ ସଂସ୍କାର ଆଣିବା ପାଇଁ ବିଶେଷ ପ୍ରକ୍ରିୟାର ବିକାଶ

(ଘ) ସରକାରୀ ତଥା ବେସରକାରୀ ସଂଗଠନ ଗୁଡ଼ିକରେ ଭାଗୀଦାରୀ ଉଦ୍ୟମକୁ ସଶକ୍ତ / ମଜଭୂତ କରିବା

**ସ୍ୱତନ୍ତ୍ର ପ୍ରଚେଷ୍ଟାର ଆରମ୍ଭ**

**Initiation of Special Effort :**

- କର ଓ ସରକାରଙ୍କର ଅନ୍ୟାନ୍ୟ ରାଜକୋଷ ସଂକ୍ରାନ୍ତୀୟ କାର୍ଯ୍ୟ ଆରମ୍ଭ କରି ଅଧିକ ଘରୋଇ ସମ୍ବଳର ସଞ୍ଚାଳନ କରିବା
- ଗୋଷ୍ଠୀଠାରୁ ଟଙ୍କା ଆକାରରେ ବା ଜିନିଷ ଆକାରରେ ସମ୍ବଳ, ଯଥା : ଶାରୀରିକ ଓ ଯୋଜନା ପାଇଁ ମାନବ ସମ୍ବଳ ପରିଚାଳନା, ପରିଦର୍ଶନ ଓ ବିଦ୍ୟାଳୟ ତଦାରଖ

ଭଳି କାର୍ଯ୍ୟକ୍ରମ ଓ "ପଦ୍ଧତିକୁ କାମ କରିବାକୁ ଦିଅ" ଆଦିର ସଞ୍ଚାଳନ କରିବା ।

- ଦ୍ୱିପାକ୍ଷିକ ଓ ଆଞ୍ଚଳିକ, ସହଯୋଗ ବୃଦ୍ଧି କରିବାକୁ ଓ
- ବାହ୍ୟ ଉତ୍ସ : ବିଦେଶରୁ ପାଣ୍ଠି ସାହାଯ୍ୟ - ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ଉତ୍ସରୁ ସଞ୍ଚାଳନ କରିବା ଆଦି ।

**୧୦.୨.୩ ଜୋମ୍‌ଟିନ୍ ସମ୍ମିଳନୀ ଇ-୯ ଦେଶ ଉପରେ ପ୍ରଭାବ :**

ବାଂଲାଦେଶ, ଚୀନ୍, ଇଜିପ୍ଟ, ଭାରତ, ଇଣ୍ଡୋନେସିଆ, ମେକ୍ସିକୋ, ନାଇଜେରିଆ ଏବଂ ପାକିସ୍ତାନ ଅଧିକ ଜନବହୁଳ ଦେଶ ମଧ୍ୟରେ ଅନ୍ତର୍ଭୁକ୍ତ । ଏହି ଦେଶଗୁଡ଼ିକର ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ୫୦ ପ୍ରତିଶତ ଅଟେ । ଏହି ଦେଶଗୁଡ଼ିକୁ ଇ-୯ ରାଷ୍ଟ୍ର/ଦେଶ କୁହାଯାଏ । ଜୋମ୍‌ଟିନ୍ ସମ୍ମିଳନୀ ୧୯୯୦ ପରେ ୧୯୯୩ରେ ଇ-୯ ଅଧ୍ୟକ୍ଷମାନଙ୍କର ଏକ ସମ୍ମିଳନୀ ନୂଆଦିଲ୍ଲୀରେ ଡିସେମ୍ବର ମାସରେ ହୋଇଥିଲା । ଏହି ୨ଗୋଟି ସମ୍ମିଳନୀ ପରେ ସମସ୍ତ ଇ-୯ ଦେଶ / ରାଷ୍ଟ୍ରରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି ।

ଜୋମ୍‌ଟିନ୍ ସମ୍ମିଳନୀର ପ୍ରଭାବରେ ଇ-୯ ଦେଶ / ରାଷ୍ଟ୍ରକୁ ନିମ୍ନଲିଖିତ ସଫଳତା ମିଳିଛି :

- ପ୍ରୌଢ଼ ନିରକ୍ଷରତାର ଦ୍ରୁତ ହ୍ରାସ
- ଆଦ୍ୟବାଲ୍ୟାବସ୍ଥା ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟନିତିରେ ଉନ୍ନତି, ଏବଂ ତାହା ପିତାମାତାଙ୍କୁ ସଂପୃକ୍ତ କରେ ଓ ସ୍ୱେଚ୍ଛାକୃତ ପରିବାରକୁ ସହାୟତା କରେ ।
- ପ୍ରାକ୍-ବିଦ୍ୟାଳୟ ଶିକ୍ଷା କାର୍ଯ୍ୟନୀତିର ସମ୍ପୃକ୍ତିରେ ବୃଦ୍ଧି ।
- ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା ମହତ୍ତ୍ୱପୂର୍ଣ୍ଣ ଅଗ୍ରଗତି ।
- ନାଗରିକ ଶିକ୍ଷା ନିମିତ୍ତ ଅଭିବୃଦ୍ଧି ଏବଂ ମୂଲ୍ୟବୋଧର ଯଥା ସମ୍ଭବ ଉପଯୁକ୍ତ ବିକାଶ
- ଶିକ୍ଷା ସେବାର ବିକେନ୍ଦ୍ରୀକରଣ
- ଜାତୀୟ ପାଠ୍ୟକ୍ରମ କାର୍ଯ୍ୟନୀତିର ବିକାଶ

ଟିପ୍ପଣୀ

- ବିଶେଷ ଆବଶ୍ୟକ ଥିବା ପିଲାମାନଙ୍କ ସମନ୍ୱିତ ପ୍ରକ୍ରିୟାର ଅଗ୍ରଗତି ପାଇଁ ମୁଖ୍ୟସ୍ରୋତ ବିଦ୍ୟାଳୟରେ ସାମିଲ କରିବା ।
- ଶିକ୍ଷକ ପ୍ରଶିକ୍ଷଣ ଏବଂ ଶିକ୍ଷାର ସଂପ୍ରସାରଣ ପାଇଁ 'ଦୂରଶିକ୍ଷା' ପ୍ରୟୋଗ ।
- ଲକ୍ଷ୍ୟଭିତ୍ତିକ ଗୋଷ୍ଠୀ ପାଇଁ ମୂଳରୁ ଖଞ୍ଜାଯାଇଥିବା ଉପଯୁକ୍ତ ପ୍ରୋତ୍ସାହନ ସହିତ କାର୍ଯ୍ୟକ୍ରମର ପ୍ରସ୍ତୁତି କରିବା ।
- ଶିକ୍ଷାପାଇଁ, ଜାତୀୟ ତଥା ସମ୍ମିଳିତ ମୂଲ୍ୟାୟନ ତଥା ମାନ୍ୟତାକୁ ମଜଭୂତ କରିବା ।
- ବେସରକାରୀ ସଂସ୍ଥା, ସାଧାରଣ ସମାଜ ବ୍ୟକ୍ତିଗତ କ୍ଷେତ୍ର ସହିତ ଭାଗିଦାରୀକୁ ପ୍ରସାରିତ କରିବା ।
- ଗଣମାଧ୍ୟମ ସହାୟତାରେ "ସଭିଙ୍କ ପାଇଁ ଶିକ୍ଷା" ପାଇଁ ଜନ ସଚେତନତା ବୃଦ୍ଧି କରିବା ।

**୧୦.୨.୪ଦକ୍ଷିଣ ଏସିଆ ଅଞ୍ଚଳ ଉପରେ ପ୍ରଭାବ**

ଜୋମ୍‌ଟିନ୍ ସମ୍ମିଳନୀ ପରେ ଦକ୍ଷିଣ ଏସିଆ କ୍ଷେତ୍ରରେ ନୂତନ ପଦକ୍ଷେପ ଗୁଡ଼ିକ ପ୍ରସ୍ତୁତ କରାଗଲା । ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଏବଂ ପରିଯୋଜନା ପ୍ରକଳ୍ପ ପ୍ରସ୍ତୁତ କରାଯାଇ ତାହାକୁ କାର୍ଯ୍ୟକାରୀ କରାଯାଇଛି । ଲକ୍ଷ୍ୟଗୁଡ଼ିକ ବିଶ୍ୱାସ କରାଯାଇଛି ଓ ପୁନଃନିରୂପଣ କରାଯାଇଛି, ନୂଆ ଲକ୍ଷ୍ୟ ନିର୍ଦ୍ଧାରଣ ଏବଂ ଏହାର ନିର୍ଦ୍ଦିଷ୍ଟ ତାରିଖଗୁଡ଼ିକ ନିର୍ଦ୍ଧାରଣ ଓ ପୁନଃନିର୍ଦ୍ଧାରଣ କରାଯାଇଛି । ପ୍ରଗତିକୁ ପରିଚାଳନା କରାଯାଇ ନୂତନ କାର୍ଯ୍ୟନୀତିଗୁଡ଼ିକୁ ନିର୍ଦ୍ଧାରଣ କରାଯାଇଛି । ଯେତେବେଳେ ଅନେକ ଯୋଜପା ପ୍ରସ୍ତୁତ କରାଯାଇଛି ଓ ପରିମାଣାତ୍ମକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବାଂଲାଦେଶ, ଭୂଟାନ, ଭାରତ, ମାଲଡିଭ୍, ନେପାଳ, ପାକିସ୍ତାନ, ଆଫଗାନିସ୍ତାନ ତଥା ଶ୍ରୀଲଙ୍କା, ଦକ୍ଷିଣ ଏସିଆ କ୍ଷେତ୍ର ସହିତ ଅନ୍ତର୍ଭୁକ୍ତ ।

ଜୋମ୍‌ଟିନ୍ ସମ୍ମିଳନୀ ପରେ ଦକ୍ଷିଣ ଏସିଆ କ୍ଷେତ୍ରରେ ନିମ୍ନଲିଖିତ ସଫଳତା :

- ପ୍ରାରମ୍ଭିକ ବିଦ୍ୟାଳୟରେ ପଞ୍ଜୀକରଣରେ ବୃଦ୍ଧି ।
- ଆଦ୍ୟ ବାଲ୍ୟାବସ୍ଥାରେ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମର ପ୍ରସାର

ଟିପ୍ପଣୀ

- ଗୁଣାତ୍ମକମାନ ଉପରେ ଅଧିକ ପ୍ରାଥମିକତା
- ପ୍ରୌଢ଼ ସ୍ୱାକ୍ଷରତା କାର୍ଯ୍ୟକ୍ରମର ବୃଦ୍ଧି
- ଶିକ୍ଷା ପରିଚାଳନା ଓ ସୂଚନା ପ୍ରଣାଳୀର ଉନ୍ନତି
- ମୌଳିକ ଶିକ୍ଷା ପାଇଁ ନିର୍ଦ୍ଦିଷ୍ଟ ଜାତୀୟ / ରାଷ୍ଟ୍ରୀୟ ବଜେଟ୍‌ରେ ବୃଦ୍ଧି
- ପ୍ରଚଳିତ ସମ୍ବଳର ଉପଯୁକ୍ତ ଉପଯୋଗ
- ମୌଳିକ ଶିକ୍ଷା ପାଇଁ ଆନ୍ତର୍ଜାତିକ ସହାୟତାରେ ବୃଦ୍ଧି
- ମୌଳିକ ଶିକ୍ଷା ବୈଧାନିକ ପଦକ୍ଷେପ, ଅଭିଯାନ, ପରିଯୋଜନା ଏବଂ ମୌଳିକ ଶିକ୍ଷା ସମ୍ବନ୍ଧୀୟ ସଂସ୍କାରରେ ବୃଦ୍ଧି
- ମୌଳିକ ଶିକ୍ଷଣରେ ଅଧିକ ଅଭିନବ ପଦକ୍ଷେପ
- ବ୍ୟକ୍ତିଗତ କ୍ଷେତ୍ର ଓ ସାଧାରଣ ସମାଜ ମଧ୍ୟରେ ଅଧିକ ଭାଗିଦାରୀ

ସମସ୍ତ ସଂଯୁକ୍ତ ରାଷ୍ଟ୍ର ସଂଗଠନଗୁଡ଼ିକୁ ନିକଟତର କରିବା ପାଇଁ ସଭିଁଙ୍କ ପାଇଁ ଶିକ୍ଷା'ର ଲକ୍ଷ୍ୟ ପ୍ରାପ୍ତି କରିବା ପାଇଁ ପ୍ରତିଜ୍ଞାବଦ୍ଧ ତଥା ବିକାଶଶୀଳ ଦେଶଗୁଡ଼ିକର ସମସ୍ତ ପ୍ରଚେଷ୍ଟାକୁ ସମର୍ଥନ କରିବାପାଇଁ ଜୋମ୍‌ଟିନ୍ ସମ୍ମିଳନୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜୋମ୍‌ଟିନ୍ ସମ୍ମିଳନୀରେ ଯୋଗଦାନ ପ୍ରେରଣାତ୍ମକ ।

## ୧୦.୩ ବିକାଶଶୀଳ ଦେଶଗୁଡ଼ିକରେ ପ୍ରାରମ୍ଭିକ ଶିକ୍ଷା ପ୍ରବର୍ତ୍ତନ

ବିଶ୍ୱର ଅନେକ ଭାଗରେ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନ କରଣର ପ୍ରତିଶ୍ରୁତି ଏକ ଅସଂପୂର୍ଣ୍ଣ ଅବସ୍ଥାରେ ରହିଛି । "ସମସ୍ତଙ୍କ ପାଇଁ ଶିକ୍ଷା"ର ବିଶ୍ୱଘୋଷଣା, ସମସ୍ତଙ୍କ ପାଇଁ ଶିକ୍ଷାର ଆବଶ୍ୟକତାକୁ ପୂରଣ କରିବା ପାଇଁ ଶିକ୍ଷାନୀତିର ଢାଞ୍ଚା "ସମସ୍ତଙ୍କ ପାଇଁ ଶିକ୍ଷା" ପାଇଁ ପ୍ରଚେଷ୍ଟା ଏବଂ ସମସ୍ତ ଇ-୯ ଦେଶର ଘୋଷଣା ତଥା ସାର୍ବଜନୀନ ମାନବ ଅଧିକାରର ଘୋଷଣା ସମସ୍ତ ଉଦ୍ଦେଶ୍ୟ ପ୍ରାରମ୍ଭିକ ଶିକ୍ଷା ପାଇଁ ବିଶିଷ୍ଟତା ପ୍ରଦାନ କରିଛି ।

ଆପଣ, ବର୍ତ୍ତମାନ ବିକାଶଶୀଳ ଓ ବିକଶିତ ଦେଶର ପ୍ରାରମ୍ଭିକ ଶିକ୍ଷାର ସ୍ଥିତି ଓ ସାମାଜିକ ସ୍ଥାନ ସମ୍ପର୍କରେ ପଢ଼ିବାକୁ ଯାଉଛନ୍ତି । ବିଶ୍ୱରେ, ଆପାତତଃ ୭୫କୋଟି ଶିଶୁଙ୍କ

ଟିପ୍ପଣୀ

ମଧ୍ୟରୁ ଅଧାରୁ ଅଧିକ ବାଳିକା ଅଟନ୍ତି, ଯେଉଁମାନଙ୍କର କି ଏପରିକି ପ୍ରାଥମିକ ବିଦ୍ୟାଳୟକୁ ଯିବା ସୁଯୋଗ ମିଳେ ନାହିଁ । ଆଫ୍ରିକାରେ ୩୩ ପ୍ରତିଶତ ଶିଶୁ ଯିଏ ପ୍ରାଥମିକ ଅଧାରୁ ବିଦ୍ୟାଳୟ ଛାଡ଼ି ଦିଅନ୍ତି ସେମାନଙ୍କୁ ସାମାଜିକ ରୂପରେ ସୁବିଧାସୁଯୋଗରୁ ବଞ୍ଚିତ ଗୋଷ୍ଠୀଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟରେ ପଞ୍ଜୀକୃତ କରାଯାଏ । ଗ୍ରାମରେ ରହୁଥିବା ୫୦ ପ୍ରତିଶତ ଶିଶୁ ବିଦ୍ୟାଳୟ ଯାଆନ୍ତି ନାହିଁ । ଅନେକ ବିକାଶଶୀଳ ଦେଶଗୁଡ଼ିକରେ ପରମ୍ପରା ଯୋଗୁଁ ଝିଅମାନେ ବିଦ୍ୟାଳୟ ଯାଆନ୍ତି ନାହିଁ । କେବଳ ପୁଅମାନେ ବିଦ୍ୟାଳୟକୁ ଯାଆନ୍ତି । ଏହା ଆଫ୍ରିକାର ସାହାରା କ୍ଷେତ୍ର ମଧ୍ୟବର୍ତ୍ତୀ କ୍ଷେତ୍ର ତଥା ଦକ୍ଷିଣ ଓ ପଶ୍ଚିମ ଏସିଆର ଦେଶଗୁଡ଼ିକରେ ଦେଖାଯାଏ । ଯେଉଁଠି ପୁଅମାନଙ୍କୁ ଶିକ୍ଷାପାଇଁ / ପଢ଼ିବା ପାଇଁ ପ୍ରାଥମିକତା ଦିଆଯାଏ । ବିକାଶଶୀଳ ଦେଶଗୁଡ଼ିକରେ ନିମ୍ନଲିଖିତ କାରକଗୁଡ଼ିକ ପ୍ରାରମ୍ଭିକ ଶିକ୍ଷାରେ ପ୍ରତିବନ୍ଧକ ବା ବାଧକ ବୋଲି ଧରାଯାଏ ।

- **ନିଅଣ୍ଟିଆ ବଜେଟ**

 ଅଧିକାଂଶ ବିକାଶଶୀଳ ଦେଶଗୁଡ଼ିକରେ ପ୍ରାରମ୍ଭିକ ଶିକ୍ଷା ପାଇଁ ନିର୍ଦ୍ଧାରିତ ବଜେଟରେ ଅର୍ଥ ଏତେ କମ୍ ହୋଇଥାଏ ଯେ, ସାର୍ବଜନୀନ ବାଧ୍ୟତାମୂଳକ ଶିକ୍ଷା"ର ଲକ୍ଷ୍ୟ ପ୍ରାପ୍ତି କରିବାକୁ ଅଛି ତେବେ ପ୍ରାରମ୍ଭିକ ଶିକ୍ଷାର ବଜେଟ୍‌ରେ ବୃଦ୍ଧି କରିବାକୁ ପଡ଼ିବ । ଏହାବ୍ୟତୀତ ଖରାପ ଅନୁଶାସନ, ସଂଗଠନାତ୍ମକ କୌଶଳର ଅଭାବ ଏବଂ ଅନ୍ୟାନ୍ୟ ପ୍ରତିବନ୍ଧକଗୁଡ଼ିକ ଅଛି, ଯେଉଁକାରଣରୁ ପ୍ରାରମ୍ଭିକ ଶିକ୍ଷା ସାର୍ବଜନୀନ ହୋଇପାରୁନାହିଁ ।

- **ବିଦ୍ୟାଳୟ ଏବଂ ଶିକ୍ଷକଙ୍କର ହ୍ରାସ :**

 ଗ୍ରାମୀଣ କ୍ଷେତ୍ର ଏବଂ ଦୁର୍ବଳ ଜିଲ୍ଲାଗୁଡ଼ିକରେ ପ୍ରାଥମିକ ବିଦ୍ୟାଳୟ ନେଟ୍‌ୱାର୍କର ହ୍ରାସ ଦେଖାଦେଇଛି । ଗ୍ରାମାଞ୍ଚଳରେ ରହୁଥିବା ପିଲାମାନଙ୍କୁ ଅଧିକ ଦୂରତ୍ୱ ଥିବା ବିଦ୍ୟାଳୟକୁ ଯିବା କଷ୍ଟସାଧ । ଅନେକ ଝିଅମାନଙ୍କୁ ପିତାମାତାମାନେ ବିଦ୍ୟାଳୟକୁ ଯିବାକୁ ଅନୁମତି ଦିଅନ୍ତି ନାହିଁ କାରଣ ବିଦ୍ୟାଳୟ ଦୂରରେ ଥିବାରୁ ଓ ଅଭିଭାବକ ନିରାପତ୍ତା ଦୃଷ୍ଟିରୁ ସଚେତନ ହେବାରୁ ଅନେକ ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷଣ ସାମଗ୍ରୀର ଅଭାବ ରହିଥାଏ । ବିଦ୍ୟାଳୟରେ ପାଠ୍ୟପୁସ୍ତକ ଏବଂ ପଢ଼ାଇବା ପାଇଁ ଆବଶ୍ୟକୀୟ ଉପକରଣର ମଧ୍ୟ ଅଭାବ ଥାଏ । ଅନେକ ବିଦ୍ୟାଳୟଗୁଡ଼ିକରେ ପିଲାଙ୍କ ପାଇଁ ଜଳ, ବିଦ୍ୟୁତ ତଥା ପରିବହନ ବ୍ୟବସ୍ଥା କରିବା ପାଇଁ ଆବଶ୍ୟକୀୟ ଅର୍ଥର ଅଭାବ ଥାଏ ।

ଅନେକ ପ୍ରଗତିଶୀଳ ଦେଶଗୁଡ଼ିକରେ ଶିକ୍ଷକମାନେ ଶିକ୍ଷାଦାନ କରିବାପାଇଁ ଅବସ୍ଥା ସନ୍ତୋଷଜନକ ନ ଥାଏ ଏବଂ ଅନେକ ଶିକ୍ଷକଙ୍କୁ ଦିନକୁ ୨ ବା ୩ ସିଫ୍ଟରେ ଶିକ୍ଷାଦାନ କରିବାକୁ ପଡ଼େ ଏବଂ ବହୁତ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କୁ ଅଳ୍ପ ଦରମାରେ ପଢ଼ାଇବାକୁ ପଡ଼େ । ଅନେକ ଶିକ୍ଷକ ସଠିକ ରୂପେ ପ୍ରଶିକ୍ଷଣପ୍ରାପ୍ତ କରିନଥାନ୍ତି । ଆଫ୍ରିକାର ଉପସାହାରା କ୍ଷେତ୍ର / ଅଞ୍ଚଳରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକରେ ଅଧିକ ମାତ୍ରାରେ ସମ୍ମୁଖୀନ ହୋଇଥାନ୍ତି ସେଗୁଡ଼ିକ ହେଲା : କେତେକ ଅଞ୍ଚଳରେ ଅନେକ ଶିକ୍ଷକ ଏଡସ୍‌ରେ ଆକ୍ରାନ୍ତ ହୋଇଥିବାରୁ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବାକୁ ବାଧ କରାଯାଏ । ଅନେକ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ନିମ୍ନମାନର ଶିକ୍ଷାଦାନ ପ୍ରଣାଳୀର ସମ୍ମୁଖୀନ ହେବାକୁ ପଡ଼େ । ଦୈନନ୍ଦିନ ଜୀବନରେ ଶିକ୍ଷାଦାନ ସମୟ ଏବଂ ପାଠ୍ୟସୂଚୀଗୁଡ଼ିକ ମଧ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିପାରେ ନାହିଁ । ସମୂହ କାର୍ଯ୍ୟ, ସ୍ୱତନ୍ତ୍ର ଶିକ୍ଷଣ, ଚିନ୍ତନ, ସମସ୍ୟା ସମାଧାନ, ନୂତନ ପ୍ରଦ୍ୟୋଗିକ ଉପଯୋଗ ଏବଂ ଜୀବନକୌଶଳ ଶିକ୍ଷଣକୁ ପ୍ରୋତ୍ସାହନ ଇତ୍ୟାଦିକୁ ଅଧିକ ଧ୍ୟାନ ଦିଆଯାଏନାହିଁ ।

- **ବିଦ୍ୟାଳୟ ଯିବା ବ୍ୟୟବହୁଳ :**

ବିକାଶଶୀଳ ଦେଶଗୁଡ଼ିକରେ ଅନେକ ଲୋକଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେମାନେ ଶିକ୍ଷା ଉପକରଣ, ବିଦ୍ୟାଳୟର ପୋଷାକ / ଇଉନିଫର୍ମ ଏବଂ ପରିବହନ ସେବା ପାଇଁ ଅର୍ଥ / ପାଉଣା ଦେବାକୁ ସମର୍ଥ ହୁଅନ୍ତି ନାହିଁ । ଅନେକ ଦେଶରେ ଯେଉଁଠି ବିଦ୍ୟାଳୟରେ ଶିକ୍ଷା ନିଃଶୁଳକ ସେଠାରେ ପଞ୍ଜିକରଣରେ ବୃଦ୍ଧି ହୋଇଥାଏ । ଅନେକ ପରିବାରରେ ପିତାମାତା ବିଦ୍ୟାର୍ଥୀଙ୍କ ଉପାର୍ଜନ ଉପରେ ନିର୍ଭର କରନ୍ତି । ଆପାତତଃ ୧୬୬ କୋଟି ପିଲା ଯେଉଁମାନଙ୍କର ବୟସ ୫ ବର୍ଷରୁ ୧୪ ବର୍ଷ, ସେମାନେ ୧୬ ଘଣ୍ଟା ପ୍ରତିଦିନ କାମ କରନ୍ତି । ଆଫ୍ରିକାର ଉପ ସାହାରା (Sub-Saharan Africa) ଅଞ୍ଚଳରେ ୪ଜଣରେ ଜଣେ ପିଲା ଏବଂ ଏସିଆ ଦେଶରେ ୫ ଜଣରେ ଜଣେ ପିଲାକୁ କାମ କରିବାକୁ ପଡିଥାଏ ।

- **ଉଚ୍ଚ ନିରକ୍ଷରତା ହାର**

ବିକାଶଶୀଳ ଦେଶଗୁଡ଼ିକ କେତେକ ୩୦-୫୦ ପ୍ରତିଶତ ପିଲା ଯେଉଁମାନେ ପ୍ରାରମ୍ଭିକ ଶିକ୍ଷାର ୪ରୁ ୬ବର୍ଷ ପରେ ବିଦ୍ୟାଳୟ ଛାଡ଼ି ଦିଅନ୍ତି । ସେମାନଙ୍କୁ ସ୍ୱାକ୍ଷର ବା

ନିରକ୍ଷଣ କୁହାଯାଇପାରିବ ନାହିଁ କି ନିରକ୍ଷର । ୧୫ ଓ ୨୪ ବର୍ଷ ବୟସର ୧୧ ପ୍ରତିଶତ ବ୍ୟକ୍ତି ନିରକ୍ଷର ଅଟନ୍ତି । ବିଶ୍ୱର ସମୁଦାୟ ସଂଖ୍ୟାର ୯୮ ପ୍ରତିଶତ ବ୍ୟକ୍ତି ନା ପଢ଼ିପାରନ୍ତି ନା ଲେଖିପାରନ୍ତି, ସେମାନେ ବିକାଶଶୀଳ ଦେଶରେ ବାସ କରନ୍ତି ।

**୧୦.୪ ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷାରେ ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକର ଭୂମିକା :**

ପ୍ରାରମ୍ଭିକ ଶିକ୍ଷାକୁ ସାର୍ବଜନୀନ କରିବାପାଇଁ ଏବଂ "ସମସ୍ତଙ୍କ ପାଇଁ ଶିକ୍ଷା"ର ଲକ୍ଷ୍ୟକୁ ବ୍ୟାପକ ଏବଂ ନିରନ୍ତର କରିବା ପାଇଁ ବିଭିନ୍ନ ଆନ୍ତର୍ଜାତିକ ଏଜେନ୍ସି / ସଂସ୍ଥା କାର୍ଯ୍ୟ କରୁଛନ୍ତି । ଉଦାହରଣ ସ୍ୱରୂପ, ବିଶ୍ୱବ୍ୟାଙ୍କ, ଏସୀୟ ବିକାଶ ବ୍ୟାଙ୍କ, ୟୁ.ଏସ୍.ଏ୍., ଡ଼ି.ଏଫ୍.ଆଇ.ଡି, ଏନ୍.ଓ.ଆର୍.ଏ.ଡି, ସି.ଆଇ.ଡି.ଏ, ଏସ୍.ଆଇ.ଡି.ଏ, ଏସ୍.ଡି.ସି., ୟୁନେସ୍କୋ, ୟୁନିସେଫ୍, ୟୁ.ଏନ୍.ଏଫ୍.ପିଏ, ୟୁ.ଏନ୍.ଡି.ପି. ଏବଂ ଏସ୍.ଡି.ସି ଇତ୍ୟାଦି ମୁଖ୍ୟ ବାହ୍ୟ ସଂସ୍ଥାଗୁଡ଼ିକ "ସମସ୍ତଙ୍କ ପାଇଁ ଶିକ୍ଷା" ପାଇଁ ସହଯୋଗ କରୁଛନ୍ତି ।

**୧୦.୪.୧ ୟୁନେସ୍କୋ** (UNESCO)

୧୯୪୫ ମସିହା ନଭେମ୍ବରରେ ଲଣ୍ଡନରେ ହୋଇଥିବା ବିଶ୍ୱ ସମ୍ମିଳନୀରେ ସଂଯୁକ୍ତ ରାଷ୍ଟ୍ର ଶୈକ୍ଷିକ, ବୈଜ୍ଞାନିକ ତଥା ସାଂସ୍କୃତିକ ସଂଗଠନ ବା ୟୁନେସ୍କୋ (UNESCO) ସ୍ଥାପିତ ହୋଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଶିକ୍ଷା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା । ଏହାର ମୁଖ୍ୟ କାର୍ଯ୍ୟାଳୟ ପ୍ୟାରିସଠାରେ ଥିଲା । ୟୁନେସ୍କୋ ଅନୁସାରେ ଆର୍ଥିକ ବିକାଶ ଓ ଶାନ୍ତି ପ୍ରତିଷ୍ଠା ପାଇଁ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ୟୁନେସ୍କୋ ଏକ ଅର୍ନ୍ତରାଷ୍ଟ୍ରୀୟ ସଂସ୍ଥା / ସଂଗଠନ । ୟୁନେସ୍କୋ ନୂତନ ସ୍ୱତନ୍ତ୍ର ରାଷ୍ଟ୍ରକୁ ମାନବ ସାଧନ ସହାୟତା ମାଧ୍ୟମରେ ଶିକ୍ଷାର ବିକାଶ ପାଇଁ ସହାୟତା ପ୍ରଦାନ କରୁଛି । ଏହି ସଂସ୍ଥା ଶିକ୍ଷକଙ୍କୁ ପ୍ରଶିକ୍ଷିତ କରିବା ସହିତ ପାଠ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ କାର୍ଯ୍ୟକ୍ରମ ପୃଷ୍ଠପୋଷକତା (sponsored) କରୁଛି । ୟୁନେସ୍କୋ ହିଁ ଏକମାତ୍ର ୧୯୯୦ର ଜୋମ୍‌ଟିନ୍ ସମ୍ମିଳନୀକୁ ପ୍ରାୟୋଜିତ କରିଥିଲା । ଏହି ସଂସ୍ଥା ସହଯୋଗୀ ରାଷ୍ଟ୍ର ସହିତ ପରାମର୍ଶ କରି ସମସ୍ତଙ୍କ ପାଇଁ ଶିକ୍ଷା ଅଭିଯାନରେ ୟୁନେସ୍କୋ ନିମ୍ନଲିଖିତ ଡକୁମେଣ୍ଟ ବା ଦସ୍ତାବିଜ ପ୍ରସ୍ତୁତ କରିଥିଲା ।

(କ) କ୍ରିୟାବିଧି ଯୋଜନା : ରାଷ୍ଟ୍ରୀୟ, ଅର୍ନ୍ତରାଷ୍ଟ୍ରୀୟ ଏବଂ ଆଞ୍ଚଳିକ ସ୍ତରରେ ନିଆଯାଇଥିବା କ୍ରିୟାବିଧିଗୁଡ଼ିକୁ ଗତିଶୀଳ ଓ ଯୁକ୍ତିଯୁକ୍ତ କରିବ ।

ଟିପ୍ପଣୀ

(ଖ) "ସମସ୍ତଙ୍କ ପାଇଁ ଶିକ୍ଷା" ଅଭିଯାନ ପାଇଁ ରାଷ୍ଟ୍ରୀୟ କ୍ରିୟାବିଧି ଯୋଜନାଗୁଡ଼ିକୁ ପ୍ରସ୍ତୁତ କରି ବିଭିନ୍ନ ସଦସ୍ୟ ଦେଶଗୁଡ଼ିକର ରାଷ୍ଟ୍ରୀୟ ସ୍ତରରେ ସଭିଁଙ୍କ ପାଇଁ ଶିକ୍ଷା ଯୋଜନାଗୁଡ଼ିକ ପ୍ରସ୍ତୁତିରେ ସହାୟତା କରିବା

(ଗ) ସମସ୍ତଙ୍କ ପାଇଁ ଶିକ୍ଷାର ସମର୍ଥନରେ ବିକାଶ ପାଇଁ ରଣକୌଶଳ ଓ ଯୁକ୍ତିଯୁକ୍ତ ଆଧାର ଓ ସହଯୋଗର ଦସ୍ତାବିଜ / ଡକ୍ୟୁମେଣ୍ଟ : "ସମସ୍ତଙ୍କ ପାଇଁ ଶିକ୍ଷା" ଉପରେ ସୂଚନା ଦେବାପାଇଁ ଇଲେକ୍ଟ୍ରୋନିକ ନ୍ୟୁଜ ବୁଲେଟିନ ବୋର୍ଡ଼ର ସ୍ଥାପନା କରାଯାଇଥିଲା । ଯାହା ମହତ୍ତ୍ୱପୂର୍ଣ୍ଣ ଘଟଣା ଓ ଅନୁଭୂତି ଓ ସଫଳତା ଉପରେ ନିୟମିତ ସୂଚନା ପ୍ରଦାନ କରୁଥିଲା ।

ୟୁନେସ୍କୋର 'ସମସ୍ତଙ୍କ ପାଇଁ ଶିକ୍ଷା' ପ୍ରାପ୍ତି ପାଇଁ ପ୍ରତିଶ୍ରୁତିବଦ୍ଧତା ନିମ୍ନରେ ଦିଆଗଲା ।

**ପାଞ୍ଚଗୋଟି କେନ୍ଦ୍ରୀତ କ୍ଷେତ୍ର**

- 'ସମସ୍ତଙ୍କ ପାଇଁ ଶିକ୍ଷା'କୁ ୟୁନେସ୍କୋର ସମସ୍ତ କାର୍ଯ୍ୟକ୍ରମରେ ନିର୍ଦ୍ଦିଷ୍ଟ ଭାବରେ ସଂସ୍କୃତି, ଯୋଗାଯୋଗ ଏବଂ ସୂଚନା ଓ ବିଜ୍ଞାନ ସମ୍ପର୍କିତ କାର୍ଯ୍ୟକ୍ରଗୁଡ଼ିକୁ ଏକଜୁଟ / ଏକତ୍ରୀକରଣ କରିବା ।
- 'ସମସ୍ତଙ୍କ ପାଇଁ ଶିକ୍ଷା' କାର୍ଯ୍ୟକାରୀ କରିବା ପାଇଁ ଦେଶଗୁଡ଼ିକୁ ସହାୟତା କରିବା । ଉଦାହରଣ ସ୍ୱରୂପ : ଶିକ୍ଷା ନୀତିଗୁଡ଼ିକ ପ୍ରସ୍ତୁତି ଯାହା ବହିଷ୍କୃତ ସମୂହଗୁଡ଼ିକୁ ପୋଷଣ ଯୋଗାଇପାରିବ ।
- ଦକ୍ଷତା ନିର୍ମାଣ ଏବଂ ଦେଶ ମଧ୍ୟରେ ଆଦାନ ପ୍ରଦାନ ପାଇଁ କ୍ଷେତ୍ରୀୟ / ଆଞ୍ଚଳିକ ପ୍ରକ୍ରିୟାର ବିକାଶ କରିବା ।
- ସମ୍ବଳଗୁଡ଼ିକର ଉପଯୁକ୍ତ ବିନିଯୋଗ ଏବଂ ମୌଳିକ ଶିକ୍ଷାରେ ଅଧିକ ଅର୍ଥବିନିଯୋଗ ।
- ସମସ୍ତଙ୍କ ପାଇଁ ଶିକ୍ଷାର ଆନ୍ତର୍ଜାତିକ ବୈଠକକୁ ସମର୍ଥନ କରି ବିଶ୍ୱସ୍ତରରେ ସମସ୍ତଙ୍କ ପାଇଁ ଶିକ୍ଷାର ଗତିକୁ ବଜାୟ ରଖିବା ।

**୧୦.୪.୨ ୟୁନିସେଫ୍**

ୟୁନିସେଫର ପୁରା ନାମ ସଂଯୁକ୍ତରାଷ୍ଟ୍ର ଆନ୍ତର୍ଜାତିକ ଶିଶୁ ଜରୁରୀକାଳୀନ ଫଣ୍ଡ (United Nations International Children Emergency Fund, UNICEF) ଅଟେ । ଏହି ସଂସ୍ଥା ବିଶ୍ୱର ୧୫୦ରୁ ଅଧିକ ଦେଶର ପିଲାମାନଙ୍କୁ

ସେମାନଙ୍କର ସରକାରଙ୍କ ମାଧ୍ୟମରେ ସହାୟତା କରେ । କେତେକ କ୍ଷେତ୍ରରେ ଯଥା :- ଏହା ସ୍ୱାସ୍ଥ୍ୟସେବା, ପୁଷ୍ଟିସାଧନ, ଜଳଯୋଗାଣ ଏବଂ ଶିକ୍ଷା ଇତ୍ୟାଦି ଅଟେ । ୟୁନିସେଫ ଶିଶୁମାନଙ୍କର ଅଧିକାରଗୁଡ଼ିକୁ ସୁରକ୍ଷିତ ରଖିବାପାଇଁ କାର୍ଯ୍ୟ କରେ, ଏଗୁଡ଼ିକ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷା ଓ କହିବାର ସ୍ୱାଧୀନତା ଆଦି ଏବଂ କୌଣସି ଭେଦଭାବକୁ ଦୂର କରିବାକୁ ପ୍ରୟାସ କରିଥାଏ । ଏହାଦ୍ୱାରା ପରିଚାଳିତ ଅଭିନବ କାର୍ଯ୍ୟକ୍ରମ ଓ ପଦକ୍ଷେପ ବିଶ୍ୱର ସର୍ବାଧିକ ସୁବିଧାରୁ ବଞ୍ଚିତ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ । "ସହସ୍ରାବ୍ଦ ବିକାଶ ଲକ୍ଷ୍ୟ" ତଥା "ସମସ୍ତଙ୍କ ପାଇଁ ଶିକ୍ଷା"ରେ ନିର୍ଦ୍ଧାରିତ ଶିକ୍ଷାଗତ, ଲିଙ୍ଗଗତ ସମାନତା ସମ୍ବନ୍ଧୀୟ ଲକ୍ଷ୍ୟ ପ୍ରାପ୍ତି ପାଇଁ ସ୍ଥାନୀୟ, ରାଷ୍ଟ୍ରୀୟ ତଥା ଅର୍ନ୍ତରାଷ୍ଟ୍ରୀୟ ସହଯୋଗୀଙ୍କ ସହିତ କାର୍ଯ୍ୟ କରେ । ଏହା ସାମାଜିକ ନ୍ୟାୟ ତଥା ସମାନତା ପ୍ରାପ୍ତି କରିବା ପାଇଁ ଆବଶ୍ୟକୀୟ ଗଠନମୂଳକ ପରିବର୍ତ୍ତନ ଆଣିଛି । ବିଶ୍ୱର ଅନେକ ପିଲା ବିଦ୍ୟାଳୟରୁ ବାହାରେ ଅଛନ୍ତି ଅଥବା ନିମ୍ନମାନର ଶିକ୍ଷା ପାଉଛନ୍ତି । ଏହି ସମସ୍ତ ପିଲାଙ୍କର କିଛି ସ୍ୱପ୍ନ ଅଛି । ସବୁପିଲାମାନଙ୍କର କିଛି ସ୍ୱପ୍ନ ଅଛି କିନ୍ତୁ ପୂରଣ ହୋଇପାରିବ ନାହିଁ ଅଥବା କ୍ଷମତା ଯୋଗ୍ୟତାରେ ମଧ୍ୟ ପରିଣତ ହୋଇପାରେ ନାହିଁ । ପ୍ରତ୍ୟେକ ଶିଶୁ ଗୁଣାତ୍ମକ ଶିକ୍ଷା ପ୍ରାପ୍ତ କରିବା ସୁନିଶ୍ଚିତ ଅଟେ । ତେଣୁ ୟୁନିସେଫ ବୃଦ୍ଧି, ରୂପାନ୍ତରଣ, ଅଭିନବୀକରଣ, ସୁଯୋଗ ଏବଂ ସମାନତା ପାଇଁ ମୂଳଦୂଆ ପକାଇଛି । ଏହା ସଂକଟ ସମୟ ହେଉ ବା ଶାନ୍ତି ସମୟ ହେଉ, ସହର ହେଉ ଅଥବା ସୁଦୂର ଗାଁ ହେଉ ୟୁନିସେଫ ଏକ ମୌଳିକ, ଅପରିବର୍ତ୍ତନୀୟ ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ଲକ୍ଷ ହେଲା : ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ।

### ୧୦.୪.୩ ବିଶ୍ୱବ୍ୟାଙ୍କ

ବିଶ୍ୱବ୍ୟାଙ୍କ ଗୁଣାତ୍ମକ ଦିଗରେ ପ୍ରଗତି, ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା, ତଥା ସଭିଙ୍କ ପାଇଁ ଶିକ୍ଷାର ଅନ୍ୟାନ୍ୟ ଲକ୍ଷ୍ୟ ପାଇଁ "ସମସ୍ତଙ୍କ ପାଇଁ ଶିକ୍ଷା"କୁ ସମର୍ଥନ ଏବଂ ସହାୟତା କରେ । ବିଶ୍ୱବ୍ୟାଙ୍କ ବିଶ୍ୱର ୯୦ଟି ଦେଶକୁ "ସମସ୍ତଙ୍କ ପାଇଁ ଶିକ୍ଷା", କାର୍ଯ୍ୟକ୍ରମକୁ ବହୁବିଧ ପ୍ରଚେଷ୍ଟା ଦ୍ୱାରା ସହାୟତା କରେ :

- ପ୍ରାଥମିକ ବିଦ୍ୟାଳୟ ଶିକ୍ଷଣ ତଥା ନିରପେକ୍ଷତା, ଗୁଣାତ୍ମକ ଶିକ୍ଷାର ଆହରଣ ବା ଶିକ୍ଷଣରେ ଉନ୍ନତି

- ବାଳିକାମାନଙ୍କର ଅଧାରୁ ପାଠ ଛାଡ଼ିବା ହାରକୁ କମ୍ କରିବା ଏବଂ ଶିକ୍ଷଣହାରକୁ ବୃଦ୍ଧି କରିବ ।
- ଏଚ୍.ଆଇ.ଭି. (HIV) ପ୍ରଭାବିତ ବିଦ୍ୟାର୍ଥୀଙ୍କୁ ଶିକ୍ଷାରେ ସହାୟତା କରିବା ।
- ଆଦ୍ୟବାଲ୍ୟାବସ୍ଥାର ବିକାଶକୁ ପ୍ରୋତ୍ସାହିତ କରିବା ।
- ବିଭିନ୍ନ ଦେଶଗୁଡ଼ିକରେ ସମସ୍ତଙ୍କ ପାଇଁ ଶିକ୍ଷା ପ୍ରତ୍ୟାଶାକୁ ସୁରକ୍ଷା ଦେବା ।

"ସମସ୍ତଙ୍କ ପାଇଁ ଶିକ୍ଷା" ଲକ୍ଷ୍ୟ ଉପରେ ବିଭିନ୍ନ ଦେଶଗୁଡ଼ିକ ସହିତ କାର୍ଯ୍ୟ କରିବା ସମୟରେ ବିକଶିତ ଦେଶ ଏବଂ ସହାୟତା ଦେବା ଦେଶଗୁଡ଼ିକ ମଧ୍ୟରେ ପାରସ୍ପରିକ ଉତ୍ତର ଦାୟିତ୍ୱ ହେବା ଆବଶ୍ୟକ । ବିଶ୍ୱବ୍ୟାଙ୍କ ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ପ୍ରାପ୍ତି ପାଇଁ ଆବଶ୍ୟକ ସମ୍ବଳଗୁଡ଼ିକ ଗତିଶୀଳ କରିବାରେ ସହାୟତା କରେ । ଏତଦ୍ ବ୍ୟତୀତ ବିଶ୍ୱବ୍ୟାଙ୍କ ବିଶ୍ଳେଷଣାତ୍ମକ କାର୍ଯ୍ୟ ତଥା ଜାଗତିକ ଜ୍ଞାନ ଏବଂ ଉତ୍ତମ ପଦ୍ଧତିଗୁଡ଼ିକ ସମ୍ମିଳିତ କରି ସମସ୍ତଙ୍କ ପାଇଁ  ଶିକ୍ଷା ପ୍ରଚେଷ୍ଟାଗୁଡ଼ିକୁ ସହାୟତା କରେ ।

### ୧୦.୪.୪ ଆନ୍ତର୍ଜାତିକ ବିକାଶ ବିଭାଗ (DFID)

ଆନ୍ତର୍ଜାତିକ ବିକାଶ ବିଭାଗ (ଡି.ଏଫ୍.ଆଇ.ଡି) UK ସରକାରଙ୍କ ଏକ ଅଂଶ ଯିଏ ବିକାଶଶୀଳ ଦେଶଗୁଡ଼ିକ ସହିତ ମିଶି ବିକାଶକୁ ପ୍ରୋତ୍ସାହିତ କରିବା ତଥା ଗରୀବକୁ ହ୍ରାସ କରିବା ପାଇଁ କାର୍ଯ୍ୟ କରେ । ଏହା ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟଗୁଡ଼ିକୁ (Millenium Development Goals) କୁ ପ୍ରାପ୍ତ କରିବା ପାଇଁ ଦେଶଗୁଡ଼ିକୁ ସହାୟତା କରିଥାଏ । ଏହି ଲକ୍ଷ୍ୟ ସଂଯୁକ୍ତ ରାଷ୍ଟ୍ର ଦ୍ୱାରା ସମର୍ଥିତ ଆନ୍ତର୍ଜାତିକ ଲକ୍ଷ୍ୟ ଅଟେ ଯାହାର ଉଦ୍ଦେଶ୍ୟ ୨୦୧୫ ମସିହା ପର୍ଯ୍ୟନ୍ତ ବିଶ୍ୱର ଦାରିଦ୍ରତାକୁ ଅଧା କରିବା । ଡି.ଏଫ୍.ଆଇ.ଡି ବିଭିନ୍ନ ସରକାରଙ୍କ ସହିତ ବ୍ୟବସାୟିକ ଅନୁଷ୍ଠାନ ସହିତ ତଥା ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକ ସହିତ ମିଶି ଦାରିଦ୍ରତାର କାରଣଗୁଡ଼ିକୁ ସମାଧାନ କରିବା ପାଇଁ ଦୀର୍ଘକାଳୀନ କାର୍ଯ୍ୟକ୍ରମଗୁଡ଼ିକୁ ସମର୍ଥନ କରେ । ଏଥିରେ ବିଶ୍ୱବ୍ୟାଙ୍କ, ସଂଯୁକ୍ତ ରାଷ୍ଟ୍ର ସଂସ୍ଥାଗୁଡ଼ିକ ତଥା ୟୁରୋପୀୟ ଆୟୋଗ ମଧ୍ୟ ସମ୍ମିଳିତ ଅଟେ ।

ଡି.ଏଫ୍.ଆଇ.ଡି ଭାରତର କିଛି ଦରିଦ୍ର ରାଜ୍ୟ ଯଥା ବିହାର, ମଧ୍ୟପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ ଇତ୍ୟାଦି ରାଜ୍ୟକୁ ସହାୟତା କରେ । ଡି.ଏଫ୍.ଆଇ.ଡି ଗ୍ରାମରେ ବାସ କରୁଥିବା,



ଟିପ୍ପଣୀ

ସହରରେ ଥିବା ବସ୍ତିଗୁଡ଼ିକରେ ବାସକରୁଥିବା ଏବଂ ଗରୀବ ବ୍ୟକ୍ତିମାନଙ୍କୁ ସହାୟତା କରିବା ପାଇଁ ରାଜ୍ୟ ସରକାରଙ୍କ ସହିତ ମିଳିତ ହୋଇ କାର୍ଯ୍ୟ କରେ ଯାହା ଫଳରେ କି ସେମାନେ କିଛି ଉପାର୍ଜନ କରିପାରିବେ ଏବଂ ସ୍ୱାସ୍ଥ୍ୟ, ଶିକ୍ଷା ତଥା ଜଳ ଏବଂ ପରିଷ୍କାର ପରିଚ୍ଛନ୍ନ ସେବା ପାଇପାରିବେ । ଡି.ଏଫ୍.ଆଇ.ଡି କିଛି ବହୁରାଷ୍ଟ୍ରୀୟ ସଂସ୍ଥା ଯେପରି ବିଶ୍ୱବ୍ୟାଙ୍କ, ଏସୀୟ ବିକାଶ ବ୍ୟାଙ୍କ ତଥା ୟୁନିସେଫ୍ ସହିତ ମିଳିତ ହୋଇ ଟ୍ରଷ୍ଟ ଫଣ୍ଡ ସ୍ଥାପିତ କରିଛି । କିଛି ଆନ୍ତର୍ଜାତିକ ତଥା ସ୍ଥାନୀୟ ବେସରକାରୀ ସଂଗଠନ ସହିତ ତଥା ନିଜସ୍ୱ କ୍ଷେତ୍ର ସହିତ ମିଳିତ ହୋଇ କାର୍ଯ୍ୟ କରିଥାଏ ।

**୧୦.୪.୫ ସ୍ୱିଡେନ ଆନ୍ତର୍ଜାତିକ ବିକାଶ ଏଜେନ୍ସି (SIDA) :** ସ୍ୱିଡେନର ଅର୍ନ୍ତରାଷ୍ଟ୍ରୀୟ ବିକାଶ ଏଜେନ୍ସି (SIDA) ସ୍ୱିଡେନର ସରକାରୀ ଏଜେନ୍ସି ଯିଏ ପୃଥିବୀର ସାରା ଦେଶରେ ଯାନ୍ତ୍ରିକ ସହାୟତା ତଥା ଅର୍ଥ ଦେଇଥାଏ । SIDAର ଆନ୍ତର୍ଜାତିକ ବିକାଶ ଏଜେନ୍ସି ନିଜର ସମ୍ବଳର ଉପଯୋଗ ବେସରକାରୀ ସଂଗଠନଗୁଡ଼ିକୁ ବହୁପକ୍ଷୀୟ ସହଯୋଗ ତଥା ୟୁରୋପୀୟ ସଂଘ ମାଧ୍ୟମରେ କରିଥାଏ । ଏହିପ୍ରକାର "ଆନ୍ତର୍ଜାତିକ ବିକାଶ ସହଯୋଗ" ବିଚାରକୁ ସମର୍ଥନ କରେ । ୧୦୦ଟି ଦେଶରେ ଆପାତତଃ ୨୦୦ ପରିଯୋଜନାର ସହାୟତା କରି ଏସ୍.ଆଇ.ଡି.ଏ ନିଜର ବିକାଶ ପରିଯୋଜନା ପାଇଁ ବିଭିନ୍ନ କମ୍ପାନୀଗୁଡ଼ିକ, ଲୋକପ୍ରିୟ ଆନ୍ଦୋଳନ, ସଂଗଠନ, ବିଶ୍ୱବିଦ୍ୟାଳୟ ତଥା ସରକାରୀ ଏଜେନ୍ସି ଗୁଡ଼ିକ ସହିତ ଭାଗୀଦାରୀର ବିକାଶ କରେ । ଏସ୍.ଆଇ.ଡି.ଏର ଭୌଗୋଳିକ କେନ୍ଦ୍ର ଆଫ୍ରିକା, ଏସିଆ, ଦକ୍ଷିଣ ଆମେରିକା, କେନ୍ଦ୍ରୀୟ ତଥା ପୂର୍ବ ୟୁରୋପର ଦେଶଗୁଡ଼ିକ ଅଟେ । ୧୯୬୪ ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତକୁ ଏହି ଏଜେନ୍ସି ସ୍ୱେଡିସ୍ ଦ୍ୱିପାକ୍ଷିକ ବିକାଶ ସହାୟତା ଅନ୍ତର୍ଗତ ସହାୟତା ମିଳୁଛି । ଭାରତରେ ଚାଲୁଥିବା ଶିକ୍ଷାକର୍ମୀ ପରିଯୋଜନାକୁ ଏସ୍.ଆଇ.ଡି.ଏରୁ ହିଁ ସହାୟତା ମିଳୁଛି ଯାହା ୧୯୮୭ ମସିହାରୁ ଚାଲୁ ରହିଛି । ଏହି ପରିଯୋଜନାର ଉଦ୍ଦେଶ୍ୟ ରାଜସ୍ଥାନର ପଛୁଆ ଗ୍ରାମରେ ସାର୍ବଜନୀନକରଣ ଏବଂ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ଉନ୍ନତି ଆଣିବା । ଏହାର ମୁଖ୍ୟ କେନ୍ଦ୍ରବିନ୍ଦୁ ହେଲା ବାଳିକାମାନଙ୍କ ଶିକ୍ଷା ।

## ୧୦.୫ ବିଶ୍ୱ ଶିକ୍ଷା ମଞ୍ଚ, ଡକାର, ସେନେଗଲ - ୨୦୦୦

"ସମସ୍ତଙ୍କ ପାଇଁ ଶିକ୍ଷା" ଉପରେ ବିଶ୍ୱ ସମ୍ମିଳନୀ (୧୯୯୦)ରେ ଶପଥ ନିଆଯାଇଥିଲା

କି ୨୦୦୦ ମସିହା ପର୍ଯ୍ୟନ୍ତ ଏହି ସମ୍ମିଳନୀର ଉଦ୍ଦେଶ୍ୟ ପୂରଣ ହୋଇଯିବ । ସେମାନଙ୍କର ଆଶା ଥିଲା କି ଶିଶୁ, ଯୁବକ ଏବଂ ପ୍ରୌଢ଼ ସମସ୍ତେ ଏହି ଶୈକ୍ଷିକ ଅବସରରୁ ଲାଭାନ୍ୱିତ ହେବେ ଯାହାର ପରିକଳ୍ପନା ତାଙ୍କର ମୂଳ ଆବଶ୍ୟକତା ପୂରଣ ନିମନ୍ତେ କରାଯାଇଥିଲା । ସଭିଁଙ୍କ ପାଇଁ ଶିକ୍ଷାର ଏହି ବିଶ୍ୱଘୋଷଣାରୁ ଶିକ୍ଷାର ନୂଆ ସୁସ୍ପଷ୍ଟ ଦିଗ ଜଣାଯାଏ । ଯେଉଁଥିରେ ବିଦ୍ୟାର୍ଥୀମାନଙ୍କ ଆବଶ୍ୟକତା, ସଂସ୍କୃତି, ପରିସ୍ଥିତି ଅନ୍ତର୍ଭୁକ୍ତ । ଜୋମ୍‌ଟିନ୍ ସମ୍ମିଳନୀରେ ନିଆଯାଇଥିବା ନିର୍ଣ୍ଣୟର ସମୀକ୍ଷା, ଠିକ୍ ୧୦ ବର୍ଷ ପରେ ଡକାର ସମ୍ମିଳନୀ (୨୦୦୦)ରେ କିଛି ବର୍ଷ ପୂର୍ବରୁ ୧୯୯୬ରେ ୟୁନେସ୍କୋ ଦ୍ୱାରା ଗଠିତ ଏକବିଂଶ ଶତାବ୍ଦୀରେ ଶିକ୍ଷା ସମ୍ମିଳନୀରେ ଆନ୍ତର୍ଜାତିକ ଆୟୋଗ ଶିକ୍ଷା ଉପରେ ଏକ ରିପୋର୍ଟ ପ୍ରଦାନ କଲେ । ସେଥିରେ ଶିକ୍ଷାର ଚାରି ସ୍ତମ୍ଭ ମତପ୍ରକାଶ ଉପରେ :

*i)* *Learning to know*
*ii)* *Learning to do*
*iii)* *Learning to live together*
*iv)* *Learning to be*

ଏହି ପରିପ୍ରେକ୍ଷୀରେ ଡକାଇ ସମ୍ମିଳନୀରେ ଅଂଶଗ୍ରହଣକାରୀମାନେ "ସମସ୍ତଙ୍କ ପାଇଁ ଶିକ୍ଷା"ର ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରତିଶୃତିବଦ୍ଧ ହେଲେ ।

***EFA (Education for All)* ସମସ୍ତଙ୍କ ପାଇଁ ଶିକ୍ଷାର ଲକ୍ଷ୍ୟ**

(କ) ଆଦ୍ୟବାଲ୍ୟାବସ୍ଥା ଶିକ୍ଷା ତଥା ଯତ୍ନର ସଂପ୍ରସାରଣ ଓ ଉନ୍ନତ କରିବା ମୁଖ୍ୟତଃ ଅଧିକ ସମ୍ବେଦନଶୀଳ ଓ ସୁବିଧାରୁ ବଞ୍ଚିତ ପିଲାମାନଙ୍କପାଇଁ ।

(ଖ) ୨୦୧୫ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ବିଶେଷ କରି ବାଳିକା, କଠିନ ପରିସ୍ଥିତିର ସମ୍ମୁଖୀନ ହେଉଥିବା ପିଲାମାନେ ଏବଂ ଜନଜାତି, ସଂଖ୍ୟାଲଘୁଗୋଷ୍ଠୀ କିପରି ନିଃଶୁଳ୍କ ତଥା ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପ୍ରାପ୍ତ କରିପାରିବେ ତାହା ସୁନିଶ୍ଚିତ କରିବ ।

(ଗ) ସମୁଚିତ ଶିକ୍ଷଣ ସମାନ ଭାବରେ ପହଞ୍ଚିପାରିବା ଓ ଜୀବନ କୌଶଳ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ପିଲା, ଯୁବକ ଏବଂ ପ୍ରୌଢ଼ମାନଙ୍କର ଶିକ୍ଷଣ ଆବଶ୍ୟକତା ପୂରଣ ହୋଇପାରିବ ।

ଟିପ୍ପଣୀ

(ଘ) ୨୦୧୫ ପର୍ଯ୍ୟନ୍ତ ପ୍ରୌଢ଼ ସାକ୍ଷରତାର ସ୍ତର (ବିଶେଷ ଭାବରେ ମହିଳାମାନଙ୍କ କ୍ଷେତ୍ରରେ) ୫୦ ପ୍ରତିଶତ ବୃଦ୍ଧି କରିବା ଏବଂ ସମସ୍ତ ପ୍ରୌଢ଼ ସମାନ ଭାବରେ ମୌଳିକ ନିରନ୍ତର ଶିକ୍ଷା ପ୍ରାପ୍ତ କରିବେ ।

(ଙ) ୨୦୧୫ ପର୍ଯ୍ୟନ୍ତ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷାରେ ଲିଙ୍ଗଗତ ବୈଷମ୍ୟ ଦୂର ହେବ ଏବଂ ୨୦୧୫ ପର୍ଯ୍ୟନ୍ତ ଶିକ୍ଷା କ୍ଷେତ୍ରରେ ଲିଙ୍ଗ ସମାନତା ପ୍ରାପ୍ତ କରାଯାଇପାରିବ । ଏହା ସୁନିଶ୍ଚିତ ଯେ ବାଳିକା / ଝିଅମାନଙ୍କ ପାଇଁ ଗୁଣାତ୍ମକ ମୌଳିକ ଶିକ୍ଷା ଆହରଣ କରିବେ ।

(ଚ) ଗୁଣାତ୍ମକ ଶିକ୍ଷାର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଆଣି ଉତ୍କୃଷ୍ଟତାକୁ ସୁନିଶ୍ଚିତ କରିବା, ଯାହା ଦ୍ୱାରା ସ୍ୱୀକୃତ ସ୍ତରରେ ଶିକ୍ଷଣ ନିଷ୍ପତ୍ତି ସମସ୍ତଙ୍କ ଦ୍ୱାରା ପ୍ରାପ୍ତ କରାଯାଇପାରିବ, ବିଶେଷକରି ସ୍ୱାକ୍ଷରତା ତଥା ଆବଶ୍ୟକ ଜୀବନକୌଶଳ କ୍ଷେତ୍ରରେ ।

**ବିଶ୍ୱ ଶିକ୍ଷା ମଞ୍ଚର ଉଦ୍ଦେଶ୍ୟ**

(କ) "ସମସ୍ତଙ୍କ ପାଇଁ ଶିକ୍ଷା" ପ୍ରତି ମଜଭୂତ ରାଷ୍ଟ୍ରୀୟ ତଥା ଆନ୍ତର୍ଜାତିକ ପ୍ରତିଶ୍ରୁତିବଦ୍ଧତାକୁ ଗତିଶୀଳ କରିବା ଏବଂ ମୌଳିକ ଶିକ୍ଷାରେ ରାଷ୍ଟ୍ରୀୟ କ୍ରିୟାବିଧି ଯୋଜନାକୁ ବିକଶିତ କରିବା ।

(ଖ) ସମସ୍ତଙ୍କ ପାଇଁ ଶିକ୍ଷା ସମ୍ବନ୍ଧୀୟ ନୀତିଗୁଡ଼ିକୁ ଏକ ସ୍ୱଷ୍ଟ ଅବିଚ୍ଛିନ୍ନ ଢ଼ାଞ୍ଚା ଅନ୍ତର୍ଗତ ପ୍ରୋତ୍ସାହିତ କରିବା ଏବଂ ଏହାକୁ ଦାରିଦ୍ର୍ୟ ଦୂରୀକରଣ ତଥା ବିକାଶତ୍ମକ କାର୍ଯ୍ୟନୀତି ଗୁଡ଼ିକ ସହିତ ସଂଯୋଗ କରିବା ।

(ଗ) ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତାକୁ ପୂରଣ କରି ଯିଏ ସଂଘର୍ଷ, ରାଷ୍ଟ୍ରୀୟ ବିପତ୍ତି ତଥା ଅସ୍ଥିରତା ଦ୍ୱାରା ପ୍ରଭାବିତ ହୁଏ । ଶୈକ୍ଷିକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ପ୍ରକାରରେ ସଂଚାଳିତ କରିବା ଆବଶ୍ୟକ ଯେପରି ଆପଣ ବୁଝାମଣା ଓ ସଦ୍‌ଭାବନାର ବିକାଶ ହୋଇପାରିବ ।

(ଘ) ଶିକ୍ଷାରେ ଲିଙ୍ଗ ସମାନତା ପାଇଁ ଏପରି କାର୍ଯ୍ୟନୀତିଗୁଡ଼ିକର କାର୍ଯ୍ୟ ଉନ୍ନୟନ କରି ଯେଉଁଥିରେ ଅଭିବୃଦ୍ଧି, ମୂଲ୍ୟ ତଥା ବ୍ୟବହାରରେ ପରିବର୍ତ୍ତନର ଆବଶ୍ୟକତାକୁ ମହତ୍ତ୍ୱପୂର୍ଣ୍ଣ ବୋଲି ଗ୍ରହଣ କରାଯିବ ।

(ଙ) ଏପରି ଶିକ୍ଷା କାର୍ଯ୍ୟକ୍ରମ ତଥା କ୍ରିୟାବିଧିଗୁଡ଼ିକୁ କାର୍ଯ୍ୟକାରୀ କରାଯାଉ ଯାହା ଏଚ୍.ଆଇ.ଭି / ଏଡସ୍ ପରି ରୋଗ ସହିତ ମୁକାବିଲା କରିପାରବ ।

(ଚ) ଶିକ୍ଷକମାନଙ୍କ ପଦମର୍ଯ୍ୟାଦା, ନୈତିକତା, ପେସାଦାରୀକୁ ବୃଦ୍ଧି କରିବା ।

(ଛ) EFA ଲକ୍ଷ୍ୟକୁ ପ୍ରାପ୍ତ କରିବା ପାଇଁ ନୂତନ ସୂଚନା ଏବଂ ଯୋଗାଯୋଗ ସମ୍ବନ୍ଧୀୟ ପ୍ରଯୁକ୍ତି ବିଦ୍ୟାକୁ ପ୍ରୟୋଗ କରିବ ।

(ଜ) ରାଷ୍ଟ୍ରୀୟ, ଆଞ୍ଚଳିକ ତଥା ଅର୍ନ୍ତରାଷ୍ଟ୍ରୀୟ ସ୍ତରରେ ସଭିଙ୍କ ପାଇଁ ଶିକ୍ଷାର ଲକ୍ଷ୍ୟ ତଥା କାର୍ଯ୍ୟଗୁଡ଼ିକର ପ୍ରାପ୍ତି ଏବଂ ବୃଦ୍ଧି ପାଇଁ ମନିଟର କରିବା ।

ଏହା ବହୁ ପୂର୍ବରୁ ପ୍ରମାଣିତ ଯେ, ବହୁ ଦେଶର ବଳିଷ୍ଠ ଜାତୀୟ ସମୃଦ୍ଧିକରଣ ନୀତି /ପନ୍ଥା, ଯାହା ମାଧ୍ୟମରେ ଶିକ୍ଷାର ବିକାଶ ହାସଲ କରିବାରେ ସହାୟକ ହୋଇଥାଏ । ଏହି ପନ୍ଥାଗୁଡ଼ିକ ସହାୟତା ଯୋଗୁଁ ଅଗ୍ରଗତି – ବୃଦ୍ଧିପ୍ରାପ୍ତ ହେଉଅଛି, ଆନ୍ତର୍ଜାତିକ ସହାୟତା ମାଧ୍ୟମରେ ବିକାଶ ତ୍ୱରାନ୍ୱିତ ହେଉଛି । ଯେଉଁ ଦେଶଗୁଡ଼ିକ ଏହି ପନ୍ଥା ସାହାଯ୍ୟରେ କମ୍ ଉନ୍ନତିଶୀଳ, ସେମାନଙ୍କୁ ଖୁବ୍ ଶୀଘ୍ର, 'ସମସ୍ତଙ୍କ ପାଇଁ ଶିକ୍ଷା'କୁ ହାସଲ କରିବା ପାଇଁ ଅଧିକ ସହାୟତା ଦେବା ଦରକାର ।

ସହଭାଗୀ ଦେଶଗୁଡ଼ିକ ଆନ୍ତର୍ଜାତୀୟ ଓ ଆଞ୍ଚଳିକ ପ୍ରକ୍ରିୟାଗୁଡ଼ିକର ସାମର୍ଥ୍ୟତାକୁ ନେଇ ସ୍ୱଷ୍ଟ ଅଭିବ୍ୟକ୍ତି କରିବା ପାଇଁ ଶକ୍ତିଶାଳୀ ଓ ପ୍ରତିଶ୍ରୁତିବଦ୍ଧ ହେବେ ଏବଂ ଏହା ସୁନିଶ୍ଚିତ ଯେ (Dakar Frame work for Action) ପ୍ରତ୍ୟେକ ଆନ୍ତଃର୍ଜାତିକ ଓ ଆଞ୍ଚଳିକ ସଂଗଠନର ଏକ କାର୍ଯ୍ୟକ୍ରମ ଓ ଜାତୀୟ ବ୍ୟବସ୍ଥାପକ ସଭା ଓ ଆଞ୍ଚଳିକ ନିଷ୍ପତ୍ତି ନିର୍ଦ୍ଧାରଣ ସଭାର ଏକ କାର୍ଯ୍ୟକ୍ରମ । EFA ୨୦୦୦, ଆକଳନ, ଦୃଷ୍ଟିଗୋଚର କରାଏ ଯେ ସମସ୍ତଙ୍କ ପାଇଁ ଶିକ୍ଷା, ସବ୍ ସହାରନ ଆଫ୍ରିକା, ଆଫ୍ରିକା, ଦକ୍ଷିଣ ଏସିଆ ଓ କମ୍ ଉନ୍ନତଶୀଳ ଦେଶରେ ଏକ 'ବୃହତ୍ତମ ଆହ୍ୱାନ' ।

ଟିପ୍ପଣୀ

ତେଣୁ ଲକ୍ଷ୍ୟ ଓ ପନ୍ଥାଗୁଡ଼ିକ କାର୍ଯ୍ୟକାରୀ କରାଇବା ପାଇଁ ଜାତୀୟ, ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରକ୍ରିୟାର ଖୁବ୍ ଶୀଘ୍ର ଆବଶ୍ୟକ ରହିଛି ।

ଜାତୀୟ ସ୍ତରରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ଆବଶ୍ୟକ ରହିଛି । ଜାତୀୟ ଓ ଆନ୍ତର୍ଜାତିକ କମିଟିଗୁଡ଼ିକର ଲକ୍ଷ୍ୟ ସାଧନପାଇଁ ଶକ୍ତିଶାଳୀ ଓ ଯତ୍ନବାନ ହେବା ଦରକାର । ଏହିସବୁ ଦେଶରେ, ଯେତେସବୁ କଠିନ ସମସ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ମଧ୍ୟ, ସ୍ୱତନ୍ତ୍ର ବୈଷୟିକ ସହାୟତା, ଆନ୍ତର୍ଜାତିକ କମିଟି, ଯୋଗାଇ ଦେବା ଆବଶ୍ୟକ ।

**କ୍ରିୟାକଳାପ - ୧**

ଦିଆଯାଇଥିବା ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତର ବାଛ :

୧. (କ) ଜୋମ୍‌ଟିନ୍ ସମ୍ମିଳନୀର ସହଯୋଗରେ ନିମ୍ନଲିଖିତ ମଧ୍ୟରୁ କେଉଁ ଅଧିକାରର ପୁନଃ ସମର୍ଥନ କରାଯାଇଥିଲା ?

- ଲିଙ୍ଗ ସମାନତା
- ପ୍ରୌଢ଼ ଶିକ୍ଷା
- ପ୍ରତ୍ୟେକ ନାଗରିକଙ୍କ ପାଇଁ ଶିକ୍ଷା
- ଏଚ୍.ଆଇ.ଭି / ଏଡସ୍ ଆକ୍ରାନ୍ତ ପିଲାଙ୍କ ଶିକ୍ଷା

(ଖ) ଜୋମ୍‌ଟିନ୍ ସମ୍ମିଳନୀର ୫ଟି ମୂଳଭୂତ ସିଦ୍ଧାନ୍ତ କ'ଣ କ'ଣ ?

(ଗ) ଜୋମ୍‌ଟିନ୍ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟଗୁଡ଼ିକ ବର୍ଣ୍ଣନା କର ।

୨. ଇ-୯ ଦେଶଗୁଡ଼ିକର ଅଭିପ୍ରାୟ

- ଇଲେକ୍ଟ୍ରୋନିକ ଦେଶ
- ଆର୍ଥିକ ସମୃଦ୍ଧ ଦେଶ

- ଉଚ୍ଚ ଜନସଂଖ୍ୟା ବିଶିଷ୍ଟ ଦେଶ
- ଆର୍ଥିକ ଅନୁନ୍ନତ ଦେଶ

୩. ନିମ୍ନଲିଖିତ ପ୍ରଶ୍ନର ସମାଧାନ କର ।

- ଜୋମ୍‌ଟିନ୍ ସମ୍ମିଳନୀ ପରେ ଇ-୯ ଦେଶର ସଫଳତା କ'ଣ କ'ଣ ?
- ଦକ୍ଷିଣ ଏସିଆ କ୍ଷେତ୍ରରେ ପ୍ରାରମ୍ଭିକ ଶିକ୍ଷାର ସ୍ଥିତିର ସଂକ୍ଷିପ୍ତ ବିବରଣୀ ଦିଅ ।

**କ୍ରିୟାକଳାପ-୨**

- ବିକାଶଶୀଳ ତଥା ବିକଶିତ ଦେଶରେ "ପ୍ରାରମ୍ଭିକ ଶିକ୍ଷାର ପ୍ରଚେଷ୍ଟା" ବିଷୟରେ କିଛି ବିଶେଷଜ୍ଞଙ୍କ ମତାମତକୁ ମିଳିତ କରି ନିଜର ସହଯୋଗୀ ଶିକ୍ଷକମାନଙ୍କ ପାଇଁ ଏକ ଦଳଗତ ଆଲୋଚନା ଆୟୋଜନ କର ।

## ୧୦.୬ସାରାଂଶ

- ନିଜର ଲୋକମାନଙ୍କୁ ଶିକ୍ଷିତ ନକରି କୌଣସି ଦେଶ ପ୍ରଗତି କରିପାରିବ ନାହିଁ ।
- ବିକାଶକୁ ଜାରି ରଖିବା ଓ ଦାରିଦ୍ର୍ୟତାକୁ ହ୍ରାସ କରିବାର ମୂଳ ଚାବିକାଠି ହେଉଛି ଶିକ୍ଷା ।
- ମୌଳିକ ଶିକ୍ଷା, ଜୀବନ ବ୍ୟାପୀ ଶିକ୍ଷଣର ମୂଳଦୂଆ ଅଟେ । ଏକବିଂଶ ଶତାବ୍ଦୀରେ ଜୀବନବ୍ୟାପୀ ଶିକ୍ଷଣ ହେଉଛି ଶିକ୍ଷାର ଚାବିକାଠି, ଏହା ବୟସ ଓ ଶିକ୍ଷାସ୍ତର ସମ୍ପର୍କିତ ପାର୍ଥକ୍ୟକୁ ଦୂର କରିବା ସହିତ ଔପଚାରିକ ଅନୌପଚାରିକ, ଅନ୍ତଃବିଦ୍ୟାଳୟ ଓ ବହିଃବିଦ୍ୟାଳୟ ସମ୍ପର୍କିତ ପ୍ରଭେଦକୁ ଅତିକ୍ରାନ୍ତ କରିବାରେ ସହାୟକ ହେବ ।

## ୧୦.୭ ସଂକେତାକ୍ଷର / ଶବ୍ଦାବଳୀ

- ADEA : Association for the Development of Education in Africa.

ଟିପ୍ପଣୀ

- AFDA : African Development Bank
- CDF : Comprehensive Development Framework
- CREMIS : Caribbean Regional Educational Management Information System
- DFID : Department for International Development.
- ECCD : Early childhood care and development.
- EU : European Union
- FRESH : Focusing Resources on Effective School Health
- EFA : Education for All
- HIPC : Highly Indebted Poor Countries Initiative
- HIV : Human Immunodeficiency Virus
- ICT : Information and communication technologies
- IIEP : International Institute for Educational Planning.
- NGO : Non-governmental organization
- OIE : Organization of Ibero-American States for Education, Science and Culture
- SIDA : Swedish International Development Co-operative Agency.
- UNAIDS : Joint United Nations Programme on HIV/ AIDS
- UNDAF : United Nations Development Assistance Framework

- UN/DESA : United Nations Department of Economic and Social Affairs.
- UNDP : United Nations Development Programme
- UNESCO : United Nations Educational, Scientific and Cultural Organization
- UNFPA : United Nations Population Fund
- UNGEI : United Nations Girl's Education Initiative
- UNICEF : United Nations International Children's Emergency Fund
- WGEFA : Working Group of Education for All
- WHO : World Health Organization

## ୧୦.୮ ସହାୟକ ଗ୍ରନ୍ଥ ଏବଂ ପ୍ରବନ୍ଧ ସୂଚୀ


- World Education Forum (= WEF). Dakar, Senegal, 26-28 April 2000. The Dakar Framework for Action. Education for All : Meeting our Collective Commitments www2.unesco.org/wef/en-leadup/dakfram.shtm
- World Education Forum. Address by Koichiro Matsuura, Director General, UNESCO, www2.unesco.org/wef/en-news/coverage_speech_jihiro.shtm
- World Education Forum. James D.Wolfensohn, President, The World Bank. Presentation at the WEF. www2.unesco.org/wef/en-news/coverage_speech_wolfen.shtm

- World Education Forum. Renewed Hope : NGOs and Civil Society in Education for All. Executive Summary (Press Release) on the NGO Study by the Press and Information Office of the Dakar Meeting (=NGO Study). www2.unesco.org/wef/en-leadup/findings_ngo.shtm
- World Education Forum : NGO Declaration on Education for All, Dakar 25 April 2000. 4 pages.
- World Education Forum. Strategy Session "Literacy for All : A Renewed Vision for a Ten-Year Global Action Plan", Dakar, 27 April 2000 and Draft of a Resolution for a UN Literacy Decade
- World Education Forum. Stattistical Document. UNESCO Institute for Statistics, Paris 2000
- Education for All - Global Synthesis by Maloclm Skilbeck. EFA International Consultative Forum Documents. EFA Forum UNESCO, Paris 2000
- EFA Thematic Study on Community Partnership in Education : Dimensions, Variations and Implications by Marc Bray. January 2000. Comparative Education Research Centre, The University of Hong Kong, Pokfulam Road, Hong Kong, China.
- EFA Thematic Study on Funding Agencies Contributions to Education for All, by Clare Bentall, Edwina Peart, Roy Carr-Hill, and Aidan Cox. February 2000. Overseas Development Institute, London, Portland House, Stag Place, London SWIE 5DP. www.oneworld.org/odi

- EFA Thematic Study on Literacy and Adult Education. Prepared by the International Literacy Institute, Principal Author Deniel Wagner. March 2000. University of Pennsylvania - UNESCO. 3910 Chestnut Street, Philadelphia, PA 19104-3111.www. literacyonline. org
- Mid-Decade Meeting on the International Consultative Forum on Education for All, 16-19 June 1996, Amman, Jordan. Final Report, EFA Forum Secretariat UNESCO, Paris 1996
- World Conference on Education for All (=WCEFA), 5-9 March 1990, Jomtien, Thailand. World Declaration on Education for All and Framework for Action to Meet Basic Learning Needs. Published by the Inter-Agency Commission. UNICEF House, New York, N.Y. April 199
- Fifth International Conference on Adult Education (=CONFINTEA V), 14-18 July 1997, Hamburg, Germany. Declaration on Adult Learning. UNESCO Institute for Education, Hamburg 1997
- Bhola, H.S., Evaluuating Literacy for Development. Projects, Programs and Campaigns. UNESCO Institute for Education, Hamburg; German Foundation for International Development, Born 1990.
- Torres, Rosa Maria, One Decade of Education for All : The Challenge ahead. International Institute for Educational Planning (UNESCO/IIEP), Buenos Aires 2000

ଟିପ୍ପଣୀ

- Publications on Dakar by/on the World Education Forum in the Internet under www2.unesco.org/wef

## ୧୦.୯ ପାଠାନ୍ତ ପ୍ରଶ୍ନାବଳୀ

୧. ବିଶ୍ୱ ଶିକ୍ଷା ମଞ୍ଚର ଉଦ୍ଦେଶ୍ୟ / ଲକ୍ଷ୍ୟଗୁଡ଼ିକ ଆଲୋଚନା କର ।

୨. ତୁମ ମତରେ ଜୋମ୍‌ଟିନ୍ ସମ୍ମିଳନୀର ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା UEE ଉପରେ ପ୍ରଭାବ କ'ଣ ?

୩. ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା UEE ରେ ୟୁନେସ୍କୋର ଭୂମିକା କ'ଣ ?

୪. ବିଶ୍ୱବ୍ୟାଙ୍କ, ଏସ୍.ଆଇ.ଡି.ଏ ଏବଂ ଡି.ଏଫ୍.ଆଇ.ଡିର ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ (UEE)ରେ ଭୂମିକା କ'ଣ ?

୫. ଡକାର (ସେନେଗଲ) ୨୦୦୦ରେ ଅନୁଷ୍ଠିତ ବିଶ୍ୱଶିକ୍ଷା ସମ୍ମିଳନୀରେ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ସଂକ୍ଷିପ୍ତରେ ଆଲୋଚନା କର ?